## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ



ମାହାଙ୍ଗା, ୨୪।୭(ଯଯାତି ସିଂହ): ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ-ପାଗା ପୂର୍ତ୍ତରାସ୍ତାର ନୁର୍ତ୍ତାଙ୍ଗଗଡା ପୋଲ ଚଣ୍ଡିହାଟ ନିକଟରେ ବୁଧବାର ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ମାହାଙ୍ଗା ବିଦ୍ୟୁତ୍ ସେକ୍ସନର ବିଲ୍ ଆଦାୟକାରୀ ତଥା ଅବସରପ୍ରାପ୍ତ ସୈନିକ ଭୂବନାନନ୍ଦ ସେଠୀ। ସେ ବାଇକ୍‌ରେ ପାଗା ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ଅନ୍ୟ ଏକ ବାଇକରେ ଜଣେ ପୁରଷ ଓ ମହିଳା ଆସୁଥିଲେ। ନୁର୍ତ୍ତାଙ୍ଗ ଗଡାପୋଲ ଚଣ୍ଡିହାଟ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଭୂବନାନନ୍ଦ ତଳେ ପଡି ସଂଜ୍ଞାହୀନ ହୋଇଯାଇଥିବାବେଳେ ସମ୍ପୃକ୍ତ ମହିଳା ଓ ପୁରୁଷ ଦୁହେଁ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ଭୁବନାନନ୍ଦଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ବିଦ୍ୟୁତ୍ ବିଭାଗର ସହକର୍ମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

### ଅଗଷ୍ଟ ୨ରେ ମହାନଦୀ ବଞ୍ଚାଅ ସମ୍ମିଳନୀ

କଟକ ସଦର, ୨୪।୭(ସୁଶାନ୍ତ କୁମାର ଜେନା): ମହାନଦୀ ବଞ୍ଚାଅ ଆନ୍ଦୋଳନର ଏକ ବୈଠକ ବୁଧବାର କଟକ ସଦର ବିକାଶ ମଞ୍ଚ ଆନୁକୂଲ୍ୟରେ ନୂଆବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ମଞ୍ଚର ସମ୍ପାଦକ ଡା. ବିଭୁଦତ୍ତ ନନ୍ଦ ସଭାପତିତ୍ୱ କରିଥିଲେ। ଆସନ୍ତା ଅଗଷ୍ଟ ୨ରେ କିଶୋର ନଗରଠାରେ ମହାନଦୀ ବଞ୍ଚାଅ ସମ୍ମିଳନୀ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ କଟକ ସହର ସମେତ କଟକ ସଦର ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନୈତିକ ନେତୃବୃନ୍ଦ ଓ ସାମାଜିକ ଅନୁଷ୍ଠାନର ସଦସ୍ୟଙ୍କୁ ନିମନ୍ତ୍ରଣ କରାଯିବ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଯୋଗଦେଇ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଉପରେ ନିର୍ଭର ନ କରି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ନୂତନ ସରକାର ଦାୟିତ୍ୱ ନେବା ଉଚିତ୍ ବୋଲି କହିଥିଲେ। ଏହି ବୈଠକରେ କଟକ ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା, ଉପସଭାପତି ଚିତ୍ତରଞ୍ଜନ ମହାପାତ୍ର, ଉପଦେଷ୍ଟା ବିଳାସ ମଲ୍ଲିକ, ସାମାଜିକ କର୍ମୀ ଯୁଗଳ ନାୟକ, ପ୍ରଫୁଲ୍ଲ ସିଂ, ଅକ୍ଷୟ ପରିଡା, ସୁଦର୍ଶନ ଜେନା, ସନ୍ଦୀପ ଦାସ, ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ପ୍ରସନ୍ନ ବିଶୋଇ, ନୀରଦ ବରଣ ଖୁଣ୍ଟିଆ ଯୋଗଦେଇଥିଲେ।

# କମିଟି ଗଠନ କରି ୪ ସପ୍ତାହରେ ଜବାବ ଦିଅ: ଏନ୍‌ଜିଟି

## ରେଙ୍ଗାଲି ଗୁଡ୍ ସେଡ୍ ଅଞ୍ଚଳରେ ପରିବେଶ ପ୍ରଦୂଷଣ

କଟକ, ୨୪।୭ (କାର୍ତ୍ତିକ ସାହୁ): ସମ୍ବଲପୁର ଜିଲା ରେଙ୍ଗାଲି ଷ୍ଟେଶନ ନିକଟ ରେଙ୍ଗାଲି ଗୁଡ୍ ସେଡ୍ ଅଞ୍ଚଳରେ ବେଆଇନ ଭାବେ ଖଣିଜ ପରିବହନ କରାଯାଉଥିବା କାରଣରୁ ପରିବେଶ ପ୍ରଦୂଷିତ ହେଉଥିବା ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ଅଭିଯୋଗ ଆଧାରରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଓ ସମ୍ବଲପୁର ଜିଲାପାଳ କିମ୍ବା ତାଙ୍କର ପ୍ରତିନିଧି ଭାବେ ଏଡିଏମ୍‌ଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଭିଯୋଗ ଆଧାରରେ ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ ବୋଲି ଏନ୍‌ଜିଟି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ କମିଟିର ରିପୋର୍ଟ ଆଧାରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୪ ସପ୍ତାହ ମଧ୍ୟରେ ପ୍ରତି ଜବାବ ଦାଖଲ କରିବେ। ବିଚାରପତି ବି. ଅମିତ ସ୍ଥାଲେକର ଓ ବିଶେଷଜ୍ଞ ସଦସ୍ୟ ଡ. ଅରୁଣ୍ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ପୂର୍ବତଟ ରେଳପଥର ରେଙ୍ଗାଲି ଷ୍ଟେଶନ ନିକଟରେ ରେଙ୍ଗାଲି ଗୁଡ୍ ସେଡ୍ ରହିଛି। ଏଠାରେ ମାଲ୍‌ବାହୀ ଟ୍ରେନ୍‌ରେ ଲୋଡିଂ ଏବଂ ଅନ୍‌ଲୋଡିଂ ଆଦି ବ୍ୟବସାୟିକ କାର୍ଯ୍ୟ କରାଯାଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିନା ଅନୁମତିରେ ଏହି କାର୍ଯ୍ୟ କରାଯାଉଛି। ଏଥିସହ ସମାନ ଜାଗାରେ ରେଳଯାତ୍ରୀମାନେ ଟ୍ରେନ୍‌ରେ ଯିବାଆସିବା କରୁଛନ୍ତି। ସମ୍ବଲପୁରରୁ-ରାଉରକେଲା ୧୦ ନମ୍ବର ରାଜ୍ୟ ରାଜପଥ ମଧ୍ୟ ଏହି ରେଳଷ୍ଟେଶନ ପାର୍ଶ୍ୱ ଦେଇ ଯାଇଛି। ସେହିପରି ରେଳପଥର ଉଭୟ ପାର୍ଶ୍ୱରେ ପୂର୍ବରୁ ପଶ୍ଚିମକୁ ବ୍ୟାପି ରେଙ୍ଗାଲି ଗ୍ରାମର ଲୋକମାନେ ବାସ କରୁଛନ୍ତି। ପ୍ରାୟ ୫ ହଜାର ଗୃହରେ ୧୭ ହଜାରରୁ ୨୦ ହଜାର ଲୋକ ଏଠାରେ ରହୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୦ ଏପ୍ରିଲ ୧୬ରେ ଏଠାରେ ରେଲୱେ ସାଇଡିଂରୁ ଖଣିଜ ପଦାର୍ଥ ପରିବହନ ନିମନ୍ତେ ୧ ବର୍ଷରୁ କମ୍ ସମୟ ଅବଧିର ଅନୁମତି ପ୍ରଦାନ କରିଥିଲେ। ମାତ୍ର ତାହା ପରେ ଏନେଇ ଆଉ କୌଣସି ଅନୁମତି ନାହିଁ। ରେଙ୍ଗାଲି ଗୁଡ୍ ସେଡ୍‌ର କୌଣସି ବାଉଣ୍ଡାରି ୱାଲ୍ ନାହିଁ। ଏହାଦ୍ୱାରା ଏଠାରୁ ନିର୍ଗତ ଗୁଣ୍ଡ ପଦାର୍ଥ ପବନରେ ଉଡ଼ି ନିକଟସ୍ଥ ଚାଷଜମି, ଗ୍ରାମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜମା ହେଉଛି। କୋଇଲା ଓ ଲୁହାଗୁଣ୍ଡଗୁଡ଼ିକ ମନୁଷ୍ୟ ବାସସ୍ଥାନ ଅଞ୍ଚଳରେ ପଡ଼ିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେହିପରି ମାଟି, ପାଣି ଓ ବାୟୁ ମଧ୍ୟ ପ୍ରଦୂଷିତ ହେଉଛି। ଉକ୍ତ ଅଞ୍ଚଳରେ ଉଡୁଥିବା ଗୁଣ୍ଡଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ପାଣି ସିଞ୍ଚନର ବ୍ୟବସ୍ଥା ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ ଆଇନଜୀବୀ ଅଶୋକ ପ୍ରସାଦ, ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆଇନଜୀବୀ ଦୀପାଞ୍ଜନ ଘୋଷ ଭର୍ଚୁଆଲରେ ଉପସ୍ଥିତ ରହି ଏନ୍‌ଜିଟିଙ୍କ ନୋଟିସ ଗ୍ରହଣ କରିଥିଲେ। ଆବେଦନକାରୀ ଆଇନ୍‌ଜୀବୀ ଶିବଶଙ୍କର ମହାନ୍ତି ନିଜ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି।



ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବିଚନ୍ଦ୍ର ଡ. କାଳିଚରଣ ପଟ୍ଟନାୟକଙ୍କ ୪୭ତମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦ ପରିସରରେ ଥିବା କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଅତିଥିମାନେ।

# ‘୧ ହଜାର ଟ୍ରକ୍ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କର’

## ଭୂତମୁଣ୍ଡାଇ-ଅଠରବାଙ୍କୀରେ ବାୟୁ ପ୍ରଦୂଷଣ

କଟକ, ୨୪।୭ (କାର୍ତ୍ତିକ ସାହୁ): ଜଗତସିଂହପୁର ଜିଲା ଭୂତମୁଣ୍ଡାଇରୁ ଅଠରବାଙ୍କୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ମାତ୍ରା ଦ୍ରୁତଗତିରେ ବଢ଼ି ଚାଲିଛି। ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଏନେଇ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ୧୦୦୦ ଟ୍ରକ ପାର୍କିଂ ଭଳି ଟର୍ମିନାଲ ନିର୍ମାଣ ଲାଗି ସ୍ଥାନ ଚିହ୍ନଟ କରିବାକୁ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମହାନଦୀ ପଠାରେ ସ୍ଥାୟୀ ପାର୍କିଂସ୍ଥଳ ହୋଇପାରିବ ନାହିଁ ବୋଲି ମଧ୍ୟ ଏନ୍‌ଜିଟି ସ୍ପଷ୍ଟ କରିଛନ୍ତି। ଏଥିସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମିତ ଭାବେ ଉକ୍ତ ଅଞ୍ଚଳରେ ବାୟୁର ମାନ ଯାଞ୍ଚ କରିବା ସହ ଧୂଳି ଓ ପ୍ରଦୂଷଣ ମାତ୍ରା କମାଇବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବ। ପାଗ ଶୁଖିଲାବେଳେ ରାସ୍ତାରେ ଧୂଳି ବାହାରିବା ଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଉଛି। ତେଣୁ ପାଣି ସିଞ୍ଚନ କରି ଧୂଳି ବାହାର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା ପାର୍ଶ୍ୱରେ କୌଣସି ଟ୍ରକ୍ ପାର୍କିଂ କରାଯାଇପାରିବ ନାହିଁ। ପରିବହନ ବିଭାଗ ନିୟମିତ ଭାବେ ଏହାର ଯାଞ୍ଚ କରିବ। ଯେଉଁଠି ନିୟମ ଉଲ୍ଲଂଘନ ହେଉଥିବା ନଜରକୁ ଆସିବ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପାରାଦ୍ୱୀପ ବନ୍ଦରକୁ ଦୈନିକ ୧୦,୦୦୦ରୁ ୨୦,୦୦୦ ଟ୍ରକ ବିଭିନ୍ନ ସାମଗ୍ରୀ ନେବା ଆଣିବା କରୁଛି। କୋଇଲା ଆଦି ଖଣିଜ ସାମଗ୍ରୀର ଗୁଣ୍ଡ ଦ୍ୱାରା ବାୟୁ ପ୍ରଦୂଷଣ ବଢୁଛି। ଭୂତମୁଣ୍ଡାଇରୁ ଅଠରବାଙ୍କୀ ପର୍ଯ୍ୟନ୍ତ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ପ୍ରଶାସନ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହିଁ। ଏହା ବିରୋଧରେ ଆବେଦନକାରୀ ପ୍ରିୟବ୍ରତ ଉତ୍ତମ ନାୟକ ଏନ୍‌ଜିଟିରେ ମାମଲା ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଫ୍ରାଜ ସୁହାଇଲ ମାମଲା ପରିଚାଳନା କରୁଥିଲେ।

# ବିଜୁ ପଟ୍ଟନାୟକ ପାର୍କ ହେବ ରାଜ୍ୟର ବୃହତ୍ତମ ପାର୍କ



ସିଏମ୍‌ସି ମେୟର ସୁବାସ ସିଂ ଓ ଅନ୍ୟ ଅଧିକାରୀ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

କଟକ, ୨୪।୭ (କାର୍ତ୍ତିକ ସାହୁ) ୩୦ ଏକର ଜାଗାରେ ନିର୍ମିତ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ଓଡ଼ିଶାର ବୃହତ୍ତମ ପାର୍କରେ ପରିଣତ ହେଉଛି। ଦୀର୍ଘ ୪୦ ବର୍ଷ ପରେ ଏହା ନୂତନ ରୂପରେଖ ପାଇବାକୁ ଯାଉଛି। ୪ ଏକର ଜାଗାରେ ଗଲ୍ଫ ଖେଳପଡ଼ିଆ ନିର୍ମାଣ ହୋଇଛି। ଏଥିରେ ସମସ୍ତ ସୁବିଧା ଥାଇ ଭିନ୍ନ ଭିନ୍ନ ପ୍ରବେଶ ପଥ ନିର୍ମାଣ ଚାଲିଛି। ଏଥିରେ ୭ଟି ଯୋଗ କେନ୍ଦ୍ରର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ୧୦ଟି ଜଳ ଫୁଆରା, କୋରାପୁଟ କଫି ସେଣ୍ଟର, ପିଲାଙ୍କ ଖେଳପଡ଼ିଆ, ମୁକ୍ତାକାଶ ଜିମ୍, ସିଟିଂ ବେଞ୍ଚ, ବିଶ୍ରାମସ୍ଥଳୀ ଆଦି ସ୍ଥାନ ପାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, କର୍ପୋରେଟର ପ୍ରଦୀପ୍ତ କୁମାର ରାଉତ, ପ୍ରଫେସର ଜ୍ଞାନ ଶର୍ମା, ପବିତ୍ର ମହାନ୍ତି, ଅଶ୍ୱିନୀ ମହାନ୍ତି, ଲକ୍ଷ୍ମୀନାରାୟଣ ଦାସ, ଏ. ଷଡ଼ଙ୍ଗୀ, ଦେବବ୍ରତ ମହାନ୍ତି, ଗୌତମ ପଣ୍ଡା ପ୍ରମୁଖ ପାର୍କର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ବୁଧବାର ତଦାରଖ କରିଛନ୍ତି। ଏହି ଅବସରରେ ମେୟର କହିଛନ୍ତି, ବିଜୁ ପଟ୍ଟନାୟକ ପାର୍କ ରାଜ୍ୟର ବୃହତ୍ତମ ପାର୍କ ହେବ।

ସୂଚନାଯୋଗ୍ୟ, ମୋ ୱାର୍ଡ କାର୍ଯ୍ୟକ୍ରମ ଜରିଆରେ ମେୟର ସୁବାସ ସିଂ ଓ ତତ୍କାଳୀନ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ୩ ନମ୍ବର ୱାର୍ଡରେ ୨ ଦିନ ଅବସ୍ଥାନ କରିଥିଲେ। ବିଜୁ ପଟ୍ଟନାୟକ ପାର୍କ ପ୍ରତିଷ୍ଠା ହେବାର ୪୦ ବର୍ଷ ପରେ ବି ପାର୍କର ବିପର୍ଯ୍ୟସ୍ତ ଅବସ୍ଥା ସେମାନେ ଦେଖିଥିଲେ। ପାର୍କରେ ୨ ଘଣ୍ଟା ପ୍ରାତଃ ଭ୍ରମଣକାରୀଙ୍କ ସହ ବୁଲି ଦେଖିବା ପରେ ପାର୍କର ଉନ୍ନତୀକରଣ ନିମନ୍ତେ ଡିପିଆର ପ୍ରସ୍ତୁତ କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଅତ୍ୟାଧୁନିକ ଓ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଓଡ଼ିଶାର ସର୍ବୋତ୍ତମ ସୁବିଧା ଥିବା ଏକ ପାର୍କର ରୂପରେଖ କରାଯାଇଥିଲା। ସମସ୍ତ ପ୍ରସ୍ତୁତି ସହ ପ୍ରାୟ ଏକ ମାସ ଭିତରେ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ବାଉତୀ ମନ୍ଦିରରୁ ଚୋରି ଘଟଣା: ୨ ଗିରଫ

### ମୁଖ୍ୟ ଅଭିଯୁକ୍ତ ଫେରାର

ଆଠଗଡ଼, ୨୪।୭(ସତ୍ୟ ପ୍ରସାଦ ରଥ): ଆଠଗଡ ଥାନା ସମ୍ମୁଖ ବାଉତୀ ଦେବୀ ମନ୍ଦିରରୁ ଜୁଲାଇ ୨୧ରେ ଚୋରି ହୋଇଥିଲା। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅଭିଯୁକ୍ତ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇଦିଆଯାଇଛି । ଗିରଫ ଦ୍ୱୟ ହେଲେ ଆଠଗଡ ଏନ୍‌ଏସିର ୭ନଂ. ୱାର୍ଡରେ ରହୁଥିବା ବିହାର ରାଜ୍ୟର ମହମ୍ମଦ ସାହିଲ ରାଜା(୧୯), ଆଠଗଡ ଏନ୍‌ଏସି ଅନ୍ତର୍ଗତ ଉପରସାହିର ବୁନୁ ନାଏକ(୧୯)। ଅଭିଯୁକ୍ତମାନଙ୍କଠାରୁ ଦେବୀ ମା’ଙ୍କ ୭ ହଳ ରୁପାଆଖି, ରୁପାଗହଣା ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ଆଠଗଡ ପୋଲିସ ମାମଲା (ନଂ.୨୧୫/୨୪) ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେ ବାଙ୍କୀ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ପାଖରେ ମା’ଙ୍କ ମୂଲ୍ୟବାନ ସୁନାଗହଣା ରହିଛି ବୋଲି ଅଭିଯୁକ୍ତମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ବାବା, ଶିଷ୍ୟଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ କୋର୍ଟ ଚାଲାଣ

## ଘଟଣାରେ ୧୫ରୁ ୨୦ ଜଣ ସମ୍ପୃକ୍ତ

ନିଶ୍ଚିନ୍ତକୋଇଲି, ୨୪।୭ (ଅଶୋକ କୁମାର ମହାପାତ୍ର) କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅସୁରେଶ୍ୱର ପଞ୍ଚାୟତର କୁଳଗାଁଇଶାଳୋସ୍ଥିତ ପୂର୍ତ୍ତ ବିଭାଗର ଡାକବଙ୍ଗଳା ନିକଟରେ ବାବା ଓ ଶିଷ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ସେମାନେ ହେଲେ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ବାବା କୈଳାସ ଦାସ(୬୫) ଓ ତାଙ୍କର ଶିଷ୍ୟ ବିରଜା ମିଶ୍ର (୨୮)। ଏହି ଘଟଣାରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭାଗବତପୁର ଗ୍ରାମର ବଳଭଦ୍ର ସିଂ(୩୫)।

କେତେଜଣ ବ୍ୟକ୍ତି ମଙ୍ଗଳବାର ରହସ୍ୟଜନକଭାବେ ଜୋରଜବରଦସ୍ତି ବାବା କୈଳାସ ଓ ତାଙ୍କ ଶିଷ୍ୟ ବିରଜାଙ୍କୁ ଉଠାଇନେଇଥିଲେ। ସେମାନେ ବାବା ଓ ତାଙ୍କର ଶିଷ୍ୟଙ୍କୁ ଦିନ ୧ଟା ଠାରୁ ଅଟକ ରଖି ଅମାନୁଷିକ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ବୃଦ୍ଧ ବାବାଙ୍କୁ ରାତିରେ କେନ୍ଦ୍ରାପଡା କେନାଲରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ନିଶ୍ଚିନ୍ତକୋଇଲି ପୋଲିସକୁ ଖବର ଦେଇଥିଲେ। ଖବରପାଇ ବିଳମ୍ବିତ ରାତିରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବାବା ଓ ତାଙ୍କର ଶିଷ୍ୟଙ୍କୁ ଉଦ୍ଧାର କରିଛନ୍ତି। ଉଭୟଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବାବାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୩-୪ଜଣ ବ୍ୟକ୍ତିଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ତେବେ ଏସମ୍ପର୍କରେ ଆଇଆଇସିଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏସମ୍ପର୍କରେ ବାବାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୭୪/୨୪) ରୁଜୁ କରିଛି। ଏହି ଘଟଣାରେ ୧୫ରୁ ୨୦ ଜଣଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିବାବେଳେ କେବଳ ଜଣଙ୍କୁ ଗିରଫ କରାଯିବା ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାପଛରେ ଡ୍ରଗ୍ସ କିମ୍ବା ହନୁମାନ ପଇସା କାରବାର ରହିଥିବା ଚର୍ଚ୍ଚା ହେଉଛି। ପ୍ରଶାସନ ତରଫରୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ

କଟକ, ୨୪।୭ (କାର୍ତ୍ତିକ ସାହୁ): ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବର୍ତ୍ତମାନ ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ଘୋଷଣା କରାଯାଇଛି। ଏଥିରେ ବସ୍ତିବାସିନ୍ଦାଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ ଏବଂ ପୂର୍ବର ବସ୍ତିବାସିନ୍ଦାଙ୍କ ଥଇଥାନ ବିଷୟରେ କିଛି କୁହାଯାଇ ନାହିଁ। ଏଭଳି ପରିସ୍ଥିତିରେ ବସ୍ତିବାସିନ୍ଦା ବିଭିନ୍ନ ଆଶଙ୍କା ମଧ୍ୟରେ ଅଛନ୍ତି। ପୂର୍ବ ସରକାର ସହର ମଧ୍ୟରେ ସରକାରୀ ଜାଗାରେ ଥିବା ଅନେକ ବସ୍ତିକୁ ମହାନଗର ନିଗମ ଦ୍ୱାରା ଉଚ୍ଛେଦ କରି ଅନ୍ୟତ୍ର ସ୍ଥାନାନ୍ତ କରିଥିଲେ ମଧ୍ୟ ସେମାନଙ୍କୁ ଆଇନ ଅନୁଯାୟୀ ଥଇଥାନ କରାଯାଇନାହିଁ ଏବଂ ସେଠାରେ କୌଣସି ମୌଳିକ ସୁବିଧା କରାଯାଇ ନାହିଁ। ଅନ୍ୟପକ୍ଷରେ ନୂଆବଜାର ଜଗନ୍ନାଥ ରୋଡ ବସ୍ତିକୁ ସେମାନଙ୍କ କର୍ମସ୍ଥଳ ସେହି ପାଖାପାଖି ଜାଗା ଦେଇ ପଟ୍ଟା ଦେବା ପାଇଁ କହିଥିଲେ ମଧ୍ୟ ଅଦ୍ୟାବଧି ତାହା କରାଯାଇନାହିଁ। ଏହି ସବୁ ସମସ୍ୟାକୁ ନେଇ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କୁ ୫ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଦୀପକ ଦାସ, ସୁକାନ୍ତ ନାୟକ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଉଦୟ ଟୁଡୁ, ଲକ୍ଷ୍ମୀ ସିଂ, ଶିବ ବେହେରା, ରାଧାରାଣୀ ସାହୁ, ଲିଙ୍ଗରାଜ ବାରିକ ପ୍ରମୁଖ ଆନ୍ଦୋଳନ ପରିଚାଳନା କରିଥିଲେ। ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମସ୍ତ ବସ୍ତିବାସିନ୍ଦାଙ୍କୁ ମହାନଗର ନିଗମ ଆଇନ ଅନୁଯାୟୀ କର୍ମସ୍ଥଳରେ ଉପଯୁକ୍ତ ଥଇଥାନ କରିବା, ତାଲିକାଭୁକ୍ତ ବସ୍ତିଗୁଡ଼ିକୁ ପଟ୍ଟା ଦେବା, ସମସ୍ତ ବସ୍ତିବାସିନ୍ଦାଙ୍କୁ ପଟ୍ଟା ଓ ଘର ଯୋଗାଇ ଦେବା, ମୌଳିକ ସୁବିଧାରୁ ବଞ୍ଚିତ ସମସ୍ତ ବସ୍ତିରେ ମୌଳିକ ସୁବିଧାର ବ୍ୟବସ୍ଥା କରିବା ଓ ବସ୍ତି ବାସିନ୍ଦାଙ୍କୁ ୪୦୦ ବର୍ଗ ଫୁଟର ଜାଗା ଦେଇ ଥଇଥାନ ବ୍ୟବସ୍ଥା କରିବା ଆଦି ଦାବି ଉପସ୍ଥାପନା କରାଯାଇଥିଲା।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ବାଙ୍କୀ, ୨୪।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ପଞ୍ଚାୟତରେ ଏକ ବଧୂହତ୍ୟା ହୋଇଥିବା ନେଇ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତକ ହେଲେ ଅନୁଗୁଳ ଜିଲା ଶିକ୍ଷକପଡା ନିବାସୀ ଦିଲୀପ କୁମାର ମହାପାତ୍ରଙ୍କ ଝିଅ ଦିବ୍ୟପ୍ରଭା ମହାପାତ୍ର (୩୦)। ଝିଅକୁ ହତ୍ୟା କରାଯାଇଥିବା ନେଇ ବାପା ଦିଲୀପ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୪୪/୨୪) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ରଗଡି ଗ୍ରାମର ବିଭୁପ୍ରସାଦ ଦାଶଙ୍କୁ ୨୦୧୫ରେ ଦିବ୍ୟପ୍ରଭା ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ଯୌତୁକ ବାବଦରେ କନ୍ୟାଘର ପକ୍ଷରୁ ଶାଶୁଘର ଲୋକଙ୍କୁ ୧ଲକ୍ଷ ୨୫ହଜାର ଟଙ୍କା ସହ ସୁନା, ରୁପା ଅଳଙ୍କାର ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ତେବେ ଅଧିକ ଯୌତୁକ ଦାବି କରି ବାରମ୍ବାର ଶାଶୁଘର ପକ୍ଷରୁ ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ଶେଷରେ ଶାଶୁଘର ଲୋକେ ଦିବ୍ୟପ୍ରଭାଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ବାଙ୍କୀ ଥାନା ଅଧିକାରୀ କହିଛନ୍ତି।



ବୁଧବାର ସ୍କୁଲ ଛୁଟି ହେବା ପରେ କଟକ ରାଣୀହାଟ ଜଗତସିଂହପୁର ରାସ୍ତାରେ ସୃଷ୍ଟି ହୋଇଥିବା ଟ୍ରାଫିକ୍ ସମସ୍ୟା।

# ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ସାମ୍ବାଦିକା

## ଅସହ୍ୟ ହେଲା ସ୍ୱାମୀଙ୍କ ପ୍ରତାରଣା

■ ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଲା

ଭୁବନେଶ୍ୱର, ୨୪।୭(ସତ୍ୟଜିତ୍ ରାଉତ): ମାତ୍ର ୪ ମାସ ତଳେ ବିବାହ ହୋଇଥିଲା। ନୂଆ ଆଶା ନେଇ ସୁନେଲି ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ହେଲେ ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ପ୍ରତାରଣା ସବୁ ସ୍ୱପ୍ନକୁ ଭାଙ୍ଗିଦେଲା। ବଞ୍ଚିବାର ସବୁ ଆଶା ହରାଇ ଶେଷରେ ଚଳନ୍ତା ଟ୍ରେନ୍ ଆଗକୁ ଡ଼େଇଁ ଜୀବନ ହାରିଦେଲେ ସାମ୍ବାଦିକା। ରାଜଧାନୀ ଭୁବନେଶ୍ୱରରେ ବୁଧବାର ସନ୍ଧ୍ୟାରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ମୃତା ସାମ୍ବାଦିକା ହେଲେ ମଧୁମିତା ପରିଡା ଓରଫ ଚିନୁ। ଶିଶୁଭବନ ନିକଟ ରେଳଧାରଣାରୁ ମଧୁମିତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ଜିଆର୍‌ପି ଥାନା କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ମଧୁମିତାଙ୍କ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଗୁରୁବାର ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମଧୁମିତା ଏକ ୱେବ୍ ଚ୍ୟାନେଲ୍‌ରେ କପି ଏଡିଟର ଭାବେ କାମ କରୁଥିଲେ। ମୃତ୍ୟୁ ପୂର୍ବରୁ ଏକ ଭିଡିଓ ଛାଡ଼ିଥିଲେ ମଧୁମିତା। ସ୍ୱାମୀ ଜଣେ ଫ୍ରଡ୍। ଧୋକା ଦେଇଛନ୍ତି। ମୁଁ ଆଉ ସହିପାରୁନି। କାନ୍ଦି କାନ୍ଦି ନିସ୍ତେଜ ହୋଇପଡିବା ସହ ମମିକୁ ସରି ବୋଲି କହି ମଧୁମିତା ସମସ୍ତଙ୍କୁ କ୍ଷମା ମାଗୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ନିର୍ଯାତନା ଅସହ୍ୟ ହେବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଜଣାପଡୁଛି। ମଧୁମିତାଙ୍କ ବାପା ସୁଶାନ୍ତ ପରିଡାଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୫ବର୍ଷର ପ୍ରେମ, ମାର୍ଚ୍ଚ ୧ରେ ହୋଇଥିଲା ବିବାହ

ମଧୁମିତାଙ୍କ ଘର ଗଞ୍ଜାମ ଭଞ୍ଜନଗରରେ ହୋଇଥିବାବେଳେ ତାଙ୍କ ପରିବାର ଲୋକେ ଭବନେଶ୍ୱର ନୂଆଗାଁ ଇନ୍ଦିରା କଲୋନୀରେ ରହୁଛନ୍ତି। ମଧୁମିତା ବଡ଼ଝିଅ ଥିଲେ, ତାଙ୍କ ତଳେ ଆଉ ଜଣେ ଭଉଣୀ (ସିଲି) ଓ ଭାଇ ଅଛନ୍ତି। ସ୍ୱାମୀ ଶ୍ରୀଧରଙ୍କ ଘର ମଧ୍ୟ ଭଞ୍ଜନଗର ଅଞ୍ଚଳରେ। ସେ ଏୟାରଫୋର୍ସରେ ଚାକିରି କରୁଥିବା ନେଇ ମଧୁମିତାଙ୍କୁ କହିଥିଲେ। ଦୀର୍ଘ ୫ ବର୍ଷ ହେଲା ଉଭୟ ପ୍ରେମ ସମ୍ପର୍କରେ ରହିବା ପରେ ଗତ ମାର୍ଚ୍ଚ ୧ରେ ବିବାହ ହୋଇଥିଲା। ସେମାନେ ଇନ୍ଦିରା କଲୋନୀରେ ଏକ ଘରଭଡ଼ା ନେଇ ରହୁଥିଲେ। ଶ୍ରୀଧର ପୂର୍ବରୁ ବିବାହିତ ଓ ଛାଡପତ୍ର ଦେଇଥିବା ନେଇ ଜାଣିବା ପରେ ମଧୁମିତା ଭାଙ୍ଗିପଡିଥିଲେ। ଏପରିକି ଶ୍ରୀଧର ବିଳମ୍ବିତ ରାତିରେ ଅନ୍ୟ ଝିଅଙ୍କ ସହ ଦୀର୍ଘସମୟ ପର୍ଯ୍ୟନ୍ତ କଥା ହେଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା ବୋଲି ପରିବାର ଲୋକେ କହିଛନ୍ତି।

### ପୂର୍ବରୁ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ

୮ ଦିନ ହେଲା ସ୍ୱାମୀ ଶ୍ରୀଧର ଘରକୁ ଫେରିଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ତୀବ୍ର ହୋଇଥିଲା। ଏପରିକି ୨ଦିନ ତଳେ ଏହାକୁ ନେଇ ମଧୁମିତା ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମଙ୍ଗଳବାର ସେ ଧଉଳି ଥାନାକୁ ଯାଇ ପୋଲିସକୁ ଜଣାଇଥିଲେ। ହେଲେ ସ୍ୱାମୀଙ୍କ ସହ ମିଶି ଚଳିବାକୁ ପୋଲିସ ପରାମର୍ଶ ଦେଇଥିଲା। ଏପରିକି ସେଠାରେ ଆପୋସ ସମାଧାନ ହୋଇଥିଲା ବୋଲି ସୂଚନା ମିଳିଛି।

# ଯତ୍ନ ନେଲେନି, ୧୬ ହଜାର ଚାରା ଶୁଖିଗଲା

ଖୋର୍ଦ୍ଧା,୨୪।୭(ପ୍ରଭାତ ପାଣିଗ୍ରାହୀ)

■ ସଚେତନତା ଆଳରେ ଅର୍ଥଶ୍ରାଦ୍ଧ
■ ସେଲ୍ଫିରେ ସୀମିତ ଚାରାରୋପଣ

ବନ ମହୋତ୍ସବ ସପ୍ତାହ ଅବସରରେ ଚାରା ରୋପଣ କରାଯାଇଥିଲା। ସମସ୍ତେ ଚାରା ରୋପଣ କରି ଫଟୋ ଉଠାଇବା ସହ ସେଲ୍ଫି ନେଲେ। ଏପରିକି ନିଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଚାରା ଶୁଖିଯିବା ସହ କେଉଁଠି ଗୋରୁ ଖାଇଗଲେ। ସଚେତନତା ଆଳରେ ଅର୍ଥ ଶ୍ରାଦ୍ଧ ହେଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳନ ହୋଇଥାଏ। ଏହିକ୍ରମରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ସଂରକ୍ଷିତ ଜଙ୍ଗଲରେ ୧୬ ହଜାର ଚାରା ରୋପଣ କରାଯାଇଥିଲା। ଜିଲାପାଳ, ଡିଏଫ୍ଓ, ସ୍ଥାନୀୟ ବିଧାୟକ, ଜନପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ, ପରିବେଶପ୍ରେମୀ, ସ୍ୱେଚ୍ଛାସେବୀ ମିଳିତଭାବେ ଚାରା ରୋପଣ କରିଥିଲେ। ୨୦୩୬ରେ ଭାରତରେ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ବନ ବିଭାଗର ଏହି ପ୍ରୟାସକୁ ଜିଲାପାଳ ପ୍ରଶଂସା କରିବା ସହ ଆଗକୁ ଏହାକୁ ବ୍ୟାପକ କରିବା ଲାଗି ପରାମର୍ଶ ଦେଇଥିଲେ। ସମସ୍ତେ ଚାରା ରୋପଣ କରି ଫଟୋ ଉଠାଇବା ସହ ସେଲ୍ଫି ନେଇଥିଲେ। ଏପରିକି ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ବନ ବିଭାଗ ପକ୍ଷରୁ ଆୟୋଜିତ ବନ ମହୋତ୍ସବ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବନ ବିଭାଗର ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ତେବେ ଚାରା ରୋପଣ ପରେ ଯତ୍ନ ନିଆଗଲା ନାହିଁ। ମୌସୁମୀ ବର୍ଷା ଅଭାବରୁ ଏବେ ଚାରା ଶୁଖିଗଲାଣି। ପ୍ରତିବର୍ଷ ଯେତିକି ଚାରା ରୋପଣ କରାଯାଉଥିବା ବିଭାଗ ପକ୍ଷରୁ ରିପୋର୍ଟ କରାଯାଉଛି, ସେହି ତୁଳନାରେ ଜଙ୍ଗଲ ସୃଷ୍ଟି ହେଉ ନ ଥିବା ସାଧାରଣରେ ଅଭିଯୋଗ


ପାଣି ଅଭାବରୁ ଗଛ ଶୁଖିଯାଉଛି।

ହେଉଛି। ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାକୁ ଏଡ଼ାଇବା ପାଇଁ ଭାରତ ସରକାର ପ୍ରକୃତି ପାଇଁ ଗଛଟିଏ ଆହ୍ୱାନ ଦେଇଛନ୍ତି। ଏନେଇ ସରକାରୀ ସ୍ତରରେ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ସବୁଠି ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀମାନେ ଚାରା ରୋପଣ କରୁଛନ୍ତି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରୁଛନ୍ତି। ପରେ ଲଗାଇଥିବା ଚାରାର ଯତ୍ନ ସମ୍ପର୍କରେ ଭୁଲିଯାଉଛନ୍ତି। ଫଳରେ ଚାରାରୋପଣ କେବଳ ସେଲ୍ଫିରେ ସୀମିତ ରହିଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି, ଦ୍ରୁତ ଶିଳ୍ପାୟନ, ସହରୀକରଣ ଏବଂ ଏକାଧିକ ପ୍ରକଳ୍ପ ପାଇଁ ପ୍ରତିବର୍ଷ ରାସ୍ତାକଡ଼ରୁ ଶତାଧିକ ଗଛ କଟାଯାଉଛି, ମାତ୍ର ସେହି ତୁଳନାରେ ଗଛ ଲଗାଯାଉନାହିଁ। ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ସେହିପରି ସାମାଜିକ କର୍ମୀ ପ୍ରତାପେଶ୍ୱର ଶତପଥୀ କହିଛନ୍ତି, ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ରାଜପଥ ଏବଂ ଭୁବନେଶ୍ୱର- ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥ ପାଇଁ ଶତାଧିକ ଗଛ କଟାଗଲା, କିନ୍ତୁ ସେହି ତୁଳନାରେ ଲଗାଗଲାନାହିଁ। ଗତବର୍ଷ ଜିଲାପାଳଙ୍କ କାର୍ଯ୍ୟାଳୟରେ ମହାପୁରୁଷଙ୍କ ନାଁରେ ଗଛ ଲାଗିଲା। ଜିଲାପାଳଙ୍କଠାରୁ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ସଚେତନତା ଶୋଭାଯାତ୍ରାରେ ଆସି କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ତତ୍କାଳୀନ ଜିଲାପାଳ ମଧ୍ୟ ସେମାନଙ୍କ ସହ ଚାରା ରୋପଣ କରିଥିଲେ। ଏବେ କାର୍ଯ୍ୟାଳୟ ପରିସରରେ ପେଭର ବ୍ଲକ ପକାଇବା ପାଇଁ ଗଛକୁ ଉପାଡ଼ି ଦିଆଗଲା। ତେବେ ପଙ୍ଗାରସିଂ ସଂରକ୍ଷିତ ଜଙ୍ଗଲରେ ଚାରାସବୁ ଯତ୍ନ ଅଭାବରୁ ଶୁଖିଯିବା ପ୍ରସଙ୍ଗରେ ଖୋର୍ଦ୍ଧା ବନ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଭଙ୍ଗାଗଲା ବିଜୁ ପଟ୍ଟନାୟକ ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ



ବେଗୁନିଆ,୨୪।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ପୋଷ୍ଟ ଅଫିସ ଛକରେ ଥିବା ବିଜୁ ପଟ୍ଟନାୟକ ଯାତ୍ରୀ ବିଶ୍ରାମାଗାର ଏବଂ ସୁଲଭ ଶୌଚାଳୟକୁ ଭଙ୍ଗାଯାଉଛି। ତେବେ ଏଠାରେ ନୂଆବସଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି ଜଣାପଡିଛି। ପ୍ରକାଶ ଯେ, ଜାନକୀବଲ୍ଲଭ ପଟ୍ଟନାୟକ ବେଗୁନିଆରୁ ବିଧାୟକ ଭାବେ ୧୯୯୫ ମସିହାରେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ସେହି ସମୟରେ ଉକ୍ତ ଶୌଚାଳୟଟି ନିର୍ମାଣ କରାଯାଇଥିଲା। ସୁଲଭ ଇଣ୍ଟରନ୍ୟାଶନାଲ ପକ୍ଷରୁ ସେଠାରେ ଜଣଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଏହି ଶୌଚାଳୟଟି ଲୋକଙ୍କ କାମରେ ଆସୁ ନ ଥଲା। ସେଠାରେ ଥିବା ଏକ ପଡ଼ିଆକୁ ଲୋକେ ବ୍ୟବହାର କରୁଥିଲେ। ଫଳରେ ଅସ୍ଥାୟୀଭାବେ ଥିବା ବ୍ୟକ୍ତି ଜଣଙ୍କ କିଛି ମାସ ବିନା ଦରମାରେ ଜଗିବା ପରେ ଛାଡି ଦେଇଥିଲେ। ପରେ ଦୁର୍ବୃତ୍ତମାନେ ସେଠାରୁ ଝରକା, କବାଟ ତାଡି ନେବା ସହିତ ଏହା ଭିତରେ ବଡ଼ ବଡ଼ ଗଛ ଉଠି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେହିପରି ନିକଟରେ ଥିବା ବିଜୁ ପଟ୍ଟନାୟକ ଯାତ୍ରୀ ବିଶ୍ରାମାଗାର ଲୋକମାନଙ୍କ ସେବାରେ ଆସୁ ନ ଥିବା ବେଳେ ବୁଲା କୁକୁରଙ୍କ ଆଶ୍ରୟସ୍ଥଳି ପାଲଟିଥିଲା। ଏପରିକି ଏହା ଆଗରେ ଅନାବନା ଗଛ ଉଠିବା ଯୋଗୁ ଭିତରକୁ ଯିବା ରାସ୍ତା ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଟାଇଲ ପକାଯାଇଥିଲା। ତେବେ ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଏଠାରେ ନୂଆ ବସ୍ଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି କହିବା ସହ ତାହା ଟ୍ରାନ୍ସପୋର୍ଟ ଡିପାର୍ଟମେଣ୍ଟ ବୁଝୁଛି। ଏଥିରେ ବ୍ଲକର କିଛି କରିବାର ନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଭାବେ ପ୍ରଦୀପଙ୍କ ଦାୟିତ୍ୱ ଗ୍ରହଣ

ଜଟଣୀ, ୨୪।୭(ରବୀନ୍ଦ୍ରନାଥ ମହାକୁଡ଼)



ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଭାବେ ପ୍ରଦୀପ କୁମାର ବେହେରା ଦାୟିତ୍ୱ ଗ୍ରହଣ କରଛନ୍ତି। ସେ ପୂର୍ବରୁ ପୂର୍ବତଟ ରେଳପଥ ଭୁବନେଶ୍ୱରରେ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର(ନିର୍ମାଣ) ଭାବେ କାର୍ଯ୍ୟ କରୁଥିଲେ। ଏହାପୂର୍ବରୁ ସେ ପୂର୍ବତଟ ରେଳପଥର ବିଭିନ୍ନ କ୍ଷମତାରେ ଯଥା ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ନିର୍ମାଣ), ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଅପରେଶନ), ଖୋର୍ଦ୍ଧାରୋଡ୍ ଏବଂ ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜେନେରାଲ) ଆଦି ପଦବୀରେ କାର୍ଯ୍ୟ କରିଛନ୍ତି।

### ୨୧ ଜିଲାରୁ ୭୦ ହଜାର ରକ୍ତହୀନତା ରୋଗୀ ଚିହ୍ନଟ

ଭୁବନେଶ୍ୱର, ୨୪।୭(ଅସମାପିକା ସାହୁ)

ଓଡ଼ିଶାରୁ ରକ୍ତହୀନତା ଏବଂ ଥାଲାସେମିଆ ରୋଗ ଦୂର କରିବା ପାଇଁ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାସ୍ତରରେ କାର୍ଯ୍ୟ କରୁଥିବା ଡାକ୍ତର, ରକ୍ତହୀନତା କାର୍ଯ୍ୟକ୍ରମର ସହାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୨୧ଟି ଜିଲାରେ ରକ୍ତହୀନତା ଏବଂ ଥାଲାସେମିଆର ପ୍ରାଦୁର୍ଭାବ ରହିଛି। ଓଡ଼ିଶାରେ ରକ୍ତହୀନତାର ହାର ୧୦%ରୁ ୪୦% ରହିଥିବା ବେଳେ ଥାଲାସେମିଆର ହାର ୬%ରୁ ୧୦% ରହିଥିବା କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଡା. ଦୀନବନ୍ଧୁ ସାହୁ କହିଛନ୍ତି, ଓଡ଼ିଶାର ୨୧ ଜିଲାରେ ଆମେ ପ୍ରାୟ ୩୦ଲକ୍ଷ ସ୍କ୍ରିନିଂ କରାଯାଇଥିଲା। ସେଥିମଧ୍ୟରୁ ୭୦ ହଜାର ରକ୍ତହୀନତା ରୋଗରେ ପୀଡ଼ିତ ଥିବା ଜଣାପଡିଛି।

## ଡଲ୍ଫିନ୍ଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀଙ୍କ ପଇଁତରା

କୃଷ୍ଣପ୍ରସାଦ,୨୪।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀ ଏବଂ ଇରାୱାଡି ଡଲ୍ଫିନ୍‌ମାନଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଇରାୱାଡି ଡଲ୍ଫିନ୍ଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସ୍କ୍ୱାଡ୍ ଟିମ୍ ଡଲ୍ଫିନ୍ ରହୁଥିବା ଚିଲିକାର ସୀମାରେ ସୁରକ୍ଷା ଦେଉଛନ୍ତି। ପର୍ଯ୍ୟଟକଙ୍କୁ ଡଲ୍ଫିନ ଦେଖାଇବା ପାଇଁ ରହିଥିବା ଡଙ୍ଗା ଚାଳକମାନଙ୍କୁ ସଚେତନ କରାଯାଉଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଜନସାଧାରଣ, ମତ୍ସ୍ୟଜୀବୀ, ବୁଦ୍ଧିଜୀବୀ, ମହିଳା ସଂଘ, ସ୍ୱେଚ୍ଛାସେବୀ ସଙ୍ଗଠନକୁ ନେଇ ସଚେତନତା ଶିବିର କରାଯାଇ ସଚେତନ କରାଯାଉଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡୀୟ ଅଧିକାରୀ ଅମ୍ଳାନ୍ ନାୟକଙ୍କ ନିର୍ଦ୍ଦେଶକ୍ରମେ ପାରିକୁଦ ବନ ବିଭାଗର ସ୍କ୍ୱାଡ୍ ଟିମ୍ ପାଞ୍ଚକୁଦି, କାଳିଜାଇ ନାଳ, ପାଣ୍ଠା, ଗେରାସର, ଚିଲ୍ଲି, ସୋଲାକୁଦି, ଚତରା, ଜଟି ନାଳ ଆଦି ଚିଲିକାରେ ସଦଳବଳ



ପଇଁତରା ମାରୁଛନ୍ତି। ଡଙ୍ଗା ଚାଳକମାନଙ୍କୁ ଡଲ୍ଫିନ୍‌ଠାରୁ କେତେଦୂରରେ ରହିବା, ଡଲ୍ଫିନ୍ ବିଚଳିତ ହେଲା ଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲିଥିନ ଏବଂ ପ୍ଲାଷ୍ଟିକ୍ ବୋତଲ ନ ପକାଇବାକୁ ପରାମର୍ଶ ଦିଆଯାଉଛି। ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ପାରିକୁଦ ବନପାଳ ଜିତେନ୍ଦ୍ରିୟ ଜେନା କହିଛନ୍ତି। ବନ ବିଭାଗର କଡ଼ା ସୁରକ୍ଷା ଯୋଗୁ ଡଲ୍ଫିନ୍ ଓ ବିଦେଶାଗତ ଅତିଥି ବିହଙ୍ଗ ସୁରକ୍ଷିତ ଥିବା ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି। ବନରକ୍ଷୀ ତ୍ରିଲୋଚନ ମହାରଣା, ସ୍କ୍ୱାଡ୍ ଟିମ୍ ଲଲାଟ ସାଇଁ, ଜୟନ୍ତ ଜେନା, ରତ୍ନାକର ସେଠୀ, ଶଶିକାନ୍ତ ସେଠୀ, ଉପେନ୍ଦ୍ର ଜେନା ପ୍ରମୁଖ ସୁରକ୍ଷା ନିମନ୍ତେ ପଇଁତରା ଦେଉଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ବୋଲଗଡ଼,୨୪।୭(ଦେବବ୍ରତ ହୋତା)

ପୋଖରୀରେ ବୁଡ଼ିଯିବାରୁ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଗର୍ଭଣିପଡ଼ା ଗ୍ରାମର ସୁନୀଲ କୁମାର ଦାଶ(୨୪)। ସୂଚନା ମୁତାବକ, ସୁନୀଲ ଗର୍ଭଣିପଡ଼ା ଗ୍ରାମର ସିରିଗାଡିଆ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ କୂଳରେ ସୁନୀଲଙ୍କ ଚପଲ ଥିବା ଦେଖିବାକୁ ମିଳିଥିଲା। ପରେ ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଙ୍କୋଇ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୪) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

## ୨ ଲୁଟେରାଙ୍କୁ ୨ ବର୍ଷ ୫ ମାସ ଲେଖାଏ ଜେଲ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

ଜଣେ ମହିଳାଙ୍କୁ ଧକ୍କା ଦେଇ ତାଙ୍କ ବେକରୁ ସୁନା ଚେନ୍ ଲୁଟ୍ ମାମଲାରେ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର ବୁଧବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ପ୍ରଦୀପ କୁମାର ଓ ବିକାଶ କୁମାରଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ଉଭୟଙ୍କୁ ୨ ବର୍ଷ ୫ ମାସ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। କୋର୍ଟ ୬ ଜଣ ସାକ୍ଷୀଙ୍କ ବୟାନ ଓ ୧୪ଟି ଦସ୍ତାବିଜକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରୁଥିଲେ।

## ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ର ସମବାୟ ସମିତିର ବାର୍ଷିକ ସାଧାରଣ ସଭା


ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅତିଥିମାନେ।

ବାଲୁଗାଁ,୨୪।୭(ସଂଗ୍ରାମ ପାଇକରାୟ)

ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ର ସମବାୟ ସମିତିର ୯ମ ବାର୍ଷିକ ସାଧାରଣ ସଭା ବାଲୁଗାଁସ୍ଥିତ ଫିଶ୍‌ଫେଡ୍ ମତ୍ସ୍ୟ ଅବତରଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ଦେବେନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ମତ୍ସ୍ୟ, ଜୀବ ଓ ପ୍ରଯୁକ୍ତି ଅଧିକାରୀ ମନୋରଞ୍ଜନ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ନନ୍ଦପୁର ଶାଖା ପ୍ରବନ୍ଧକ ବି.କେ. ପାଶ୍ୱାନ ଯୋଗଦେଇଥିଲେ। ସଭାରେ ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ର ସମବାୟ ସମିତିର ଉପସଭାପତି ପୂର୍ଣ୍ଣିମା ବେହେରା, ସମିତି ନିର୍ଦ୍ଦେଶକ, ପରିଷଦ ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ସମେତ କେନ୍ଦ୍ର ସମିତି ସହ ଅନୁବନ୍ଧିତ ମୋଟ ୧୬୪ଟି ପ୍ରାଥମିକ ସମବାୟ ସମିତିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ। ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାରୁ ଯୋଗଦେଇଥିବା ବିଭିନ୍ନ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି, ସମ୍ପାଦକ ଓ ପରିଷଦର ସଦସ୍ୟମାନେ ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ଚିଲିକା ଏବଂ ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମସ୍ୟାଗୁଡ଼ିକର ସମାଧାନ ପାଇଁ କେନ୍ଦ୍ର ସମିତି ମାଧ୍ୟମରେ ତଥା ଜିଲା ମତ୍ସ୍ୟ ଅଧିକାରୀ ଓ ସହକାରୀ ନିବନ୍ଧକଙ୍କ ଜରିଆରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ସମବାୟ ନିରୀକ୍ଷକ ମୁନା ନାୟକ, ବରିଷ୍ଠ ସହାୟକ ଅର୍ଜୁନ ମହାରଣା, ଭାନୁ ରେଣ୍ଡୀ, ଶଙ୍କର ପରିମାଣିକ, ଅରୁଣ କୁମାର ବେହେରା, ଧୀରେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ସାମ୍ବାଦିକା

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

**ଅସହ୍ୟ ହେଲା ସ୍ୱାମୀଙ୍କ ପ୍ରତାରଣା**
■ ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଲା

ମାତ୍ର ୪ ମାସ ତଳେ ବିବାହ ହୋଇଥିଲା। ନୂଆ ଆଶା ନେଇ ସୁନେଲି ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ହେଲେ ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ପ୍ରତାରଣା ସବୁ ସ୍ୱପ୍ନକୁ ଭାଙ୍ଗିଦେଲା। ବଞ୍ଚିବାର ସବୁ ଆଶା ହରାଇ ଶେଷରେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ ସାମ୍ବାଦିକା। ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ସନ୍ଧ୍ୟାରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ମୃତା ସାମ୍ବାଦିକା ହେଲେ ମଧୁମିତା ପରିଡା ଓରଫ ଟିନୁ। ଶିଶୁଭବନ ନିକଟ ରେଳଧାରଣାରୁ ମଧୁମିତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ଜିଆର୍‌ପି ଥାନା କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ମଧୁମିତାଙ୍କ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମଧୁମିତା ଏକ ୱେବ୍ ଚ୍ୟାନେଲ୍‌ରେ କପି ଏଡିଟର ଭାବେ କାମ କରୁଥିଲେ। ମୃତ୍ୟୁ ପୂର୍ବରୁ ଏକ ଭିଡିଓ ଛାଡ଼ିଥିଲେ ମଧୁମିତା। ସ୍ୱାମୀ ଜଣେ ଫ୍ରଡ୍। ଧୋକା ଦେଇଛନ୍ତି। ମୁଁ ଆଉ ସହିପାରୁନି। କାନ୍ଦି କାନ୍ଦି ନିସ୍ତେଜ ହୋଇପଡିବା ସହ ମମିକୁ ସରି ବୋଲି କହି ମଧୁମିତା ସମସ୍ତଙ୍କୁ କ୍ଷମା ମାଗୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ନିର୍ଯାତନା ଅସହ୍ୟ ହେବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଜଣାପଡୁଛି।


ମଧୁମିତା ପରିଡ଼ା

ମଧୁମିତାଙ୍କ ବାପା ସୁଶାନ୍ତ ପରିଡାଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୫ବର୍ଷର ପ୍ରେମ, ମାର୍ଚ୍ଚ ୧ରେ ବିବାହ**

ମଧୁମିତାଙ୍କ ଘର ଗଞ୍ଜାମ ଭଞ୍ଜନଗରରେ ହୋଇଥିବାବେଳେ ତାଙ୍କ ପରିବାର ଲୋକେ ଭୁବନେଶ୍ୱର ନୂଆଗାଁ ଇନ୍ଦିରା କଲୋନୀରେ ରହୁଛନ୍ତି। ମଧୁମିତା ବଡ଼ଝିଅ ଥିଲେ, ତାଙ୍କ ତଳେ ଆଉ ଜଣେ ଭଉଣୀ (ସିଲି) ଓ ଭାଇ ଅଛନ୍ତି। ସ୍ୱାମୀ ଶ୍ରୀଧରଙ୍କ ଘର ମଧ୍ୟ ଭଞ୍ଜନଗର ଅଞ୍ଚଳରେ। ସେ ଏୟାରଫୋର୍ସରେ ଚାକିରି କରୁଥିବା ନେଇ ମଧୁମିତାଙ୍କୁ କହିଥିଲେ। ଦୀର୍ଘ ୫ ବର୍ଷ ହେଲା ଉଭୟ ପ୍ରେମ ସମ୍ପର୍କରେ ରହିବା ପରେ ଗତ ମାର୍ଚ୍ଚ ୧ରେ ବିବାହ ହୋଇଥିଲା। ସେମାନେ ଇନ୍ଦିରା କଲୋନୀରେ ଏକ ଘରଭଡ଼ା ନେଇ ରହୁଥିଲେ। ଶ୍ରୀଧର ପୂର୍ବରୁ ବିବାହିତ ଓ ଛାଡପତ୍ର ଦେଇଥିବା ନେଇ ଜାଣିବା ପରେ ମଧୁମିତା ଭାଙ୍ଗିପଡିଥିଲେ। ଏପରିକି ଶ୍ରୀଧର ବିଳମ୍ବିତ ରାତିରେ ଅନ୍ୟ ଝିଅଙ୍କ ସହ ଦୀର୍ଘସମୟ ପର୍ଯ୍ୟନ୍ତ କଥା ହେଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ପରିବାର ଲୋକେ କହିଛନ୍ତି।

## 'ବିଦ୍ୟାଧ୍ୟୟନ ସହ କ୍ରୀଡ଼ା ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ କରେ'

ବୋଲଗଡ଼,୨୪।୭(ଦେବବ୍ରତ ହୋତା)

ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ଅଂଶୁମାନ ଧଳଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। କ୍ୟାରମ୍, ଚେସ୍ ଖେଳରେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ଲୁଡୁ ଏବଂ ସାପ ନିଶୁଣି ଖେଳରେ ସୌଦାମିନୀ ପରିଡ଼ା, ବ୍ରେନ୍ ଭିଟା ମାର୍ବଲ ଓ ପୁଚିରେ ସ୍ୱର୍ଣ୍ଣଲତା ପ୍ରଧାନ, ୱାର୍ଡ ଚେନ୍ ଓ କିତିକିତିରେ ବିଭୁ ପ୍ରସାଦ ମହାପାତ୍ର, ରିଙ୍ଗସରେ ବିଚିତ୍ର କୁମାର ଘଡ଼େଇ ବିଚାରକ ଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ବିଶ୍ୱଜିତ୍ ସରୋଜ ଏବଂ ସ୍ମିତାସିନ୍ଧୁ ମହାପାତ୍ର ବିଦ୍ୟାଧ୍ୟୟନ ସହ କ୍ରୀଡ଼ା ବିଦ୍ୟାର୍ଥୀଙ୍କ ଜୀବନକୁ ଶୃଙ୍ଖଳିତ ଓ ସ୍ୱୟଂସମ୍ପନ୍ନ କରିଥାଏ ବୋଲି କହିଥିଲେ। ବରିଷ୍ଠ ବିଭାଗର କ୍ୟାରମ୍‌ରେ ଆଦିତ୍ୟ ଜେନା, ଚେସ୍‌ରେ ସାଇପ୍ରକାଶ ସେନାପତି, ଲୁଡୁରେ ନନ୍ଦିନୀ ଜେନା, ସାପ ନିଶୁଣି ଖେଳରେ ମୋନାଲି ମହାପାତ୍ର, ବ୍ରେନ୍ ଭିଟା ମାର୍ବଲରେ ସାଇପ୍ରକାଶ ସେନାପତି, ପୁଚିରେ ମୀରା ସିଂହ, ୱାର୍ଡଚେନ୍‌ରେ ବିଶ୍ୱଜିତ୍ ମହାନ୍ତି ଏବଂ ରିଙ୍ଗସରେ ରୋଜାଲି ସେନ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗ କ୍ୟାରମ୍‌ରେ ସାଇପ୍ରକାଶ ବେହେରା, ଚେସ୍‌ରେ ସୌମ୍ୟାଶ୍ରୀ ସେନାପତି, ଲୁଡୁରେ କ୍ରିଷ୍ଟାଲ ବେହେରା, ସାପ ନିଶୁଣିରେ ସ୍ମିତାଞ୍ଜଳି ଦେଓ, ତେଜସ୍ୱିନୀ ନାୟକ, ୱାର୍ଡ ଚେନ୍‌ରେ କ୍ଷୀରାବ୍ଧି ତନୟା ପ୍ରଧାନ, କିତିକିତିରେ ଶ୍ରଦ୍ଧାଞ୍ଜଳି ଭୋଇ ଏବଂ ରିଙ୍ଗସରେ ସୌମ୍ୟରଞ୍ଜନ ଖମାରୀ ପ୍ରଥମ ହୋଇଥିଲେ। ଦୀପ୍ତିରଞ୍ଜନ ଦାସ, ନମିତା ସାହୁ, ଶ୍ରୋତାଲିନ୍ ସାହୁ, ଶିବ ପ୍ରଧାନ, ସମ୍ବିତ୍ କେଦାର କର, ସ୍ନେହଲତା ପାଇକରାୟ ସହଯୋଗ କରିଥିଲେ।

## ମରାମତିକୁ ୪ ମାସ ପୂରିନି, ରାସ୍ତାରେ ଗର୍ତ୍ତ

ବେଗୁନିଆ,୨୪।୭(ହର ପ୍ରସନ୍ନ ପଣ୍ଡା)

ଜନସାଧାରଣଙ୍କ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ରାସ୍ତା ମରାମତି ସହ ନୂତନ ନିର୍ମାଣ କାର୍ଯ୍ୟ କରାଯାଉଛି। ନିର୍ମାଣ ପରିଚାଳନା ଏବଂ ଗୁଣବତ୍ତା ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ପରିଲକ୍ଷିତ ହୋଇଛି। ବାଘମାରୀ-ଦଶପଲ୍ଲା ୪୮ନମ୍ବର ରାଜ୍ୟ ରାଜପଥ ମରାମତି କାର୍ଯ୍ୟରେ ଦେଖିବାକୁ ମିଳିଛି। ଆରମ୍ଭରୁ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଉକ୍ତ ସମୟରେ ଅଭିଯୋଗ ହୋଇଥିବା ବେଳେ ଏବେ ପୁଣି ପିଚୁ ମରାମତି କାର୍ଯ୍ୟ ସରିବାର ୪ମାସ ବିତି ନ ଥିବା ବେଳେ ରାସ୍ତାର



୧୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଲୋକେ ଯାତାୟାତ କରିବାରେ ହଇରାଣ ହେବା ସହ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି।

ସୂଚନାଥାଉ କି, ପୂର୍ତ୍ତବିଭାଗ ଅଧୀନ (ନିର୍ମାଣ ବିଭାଗ) ଆନୁକୂଲ୍ୟରେ ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଥିଲା। ରାଜ୍ୟ ପାଣ୍ଠିରୁ ପ୍ରକଳ୍ପ ଖର୍ଚ୍ଚ ଅଟକଳ ୧୮.୧ କୋଟି ମୂଲ୍ୟରେ ଅନୁଦାନ ମିଳିଥିଲା। ବାଘମାରୀ-ଗଣିଆ-ଦଶପଲ୍ଲା ଭାୟା କଣ୍ଟିଲୋ ଦେଇ ରାସ୍ତା ଉନ୍ନତୀକରଣ କରାଯିବ ବୋଲି ଧାର୍ଯ୍ୟ କରାଯାଇଥିଲା। ହେଲେ ବାଘମାରୀଠାରୁ ଆରମ୍ଭ ହୋଇ ୧୬ କିମି ମଧୁଆପଲ୍ଲୀ ଛକ ପର୍ଯ୍ୟନ୍ତ ଠିକାଦାର ଚୟନ କରାଯାଇଥିଲା। ରାସ୍ତା ପ୍ରଶସ୍ତୀକରଣ ଓ ବଜାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡ୍ରେନେଜ ନିର୍ମାଣ ପାଇଁ ୯.୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଯାହାର ଅବଧି ୧୦.୧.୨୦୨୪ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ତେବ ଅବଧି ସମୟ ଗଡିଯିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉକ୍ତ ୧୬ କିମି ରାସ୍ତା ଉପରେ ତରବରିଆ ଭାବେ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଉକ୍ତ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୧୦ ଦିନ ପରେ ୧୧ଟି ସ୍ଥାନରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହେଇଥିଲା। ପୁଣି ଗତ ମାର୍ଚ୍ଚ ମାସରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାସ୍ତା ରେକ୍ଟିଫାଏଡ ଆଳରେ ମରାମତି କରାଯାଇଥିଲା। ଗୁଣବତ୍ତା ବିଭାଗ ପକ୍ଷରୁ ଲାବର୍ଟେକ୍ସିଆନ ଜରିଆରେ କାର୍ଯ୍ୟର ମାନ ଯାଞ୍ଚ କରାଗଲା ନାହିଁ। ପୁଣି ଏବେ ବର୍ଷାଋତୁ ଆରମ୍ଭରୁ କୋଦୋବେରେଣି, ଗୋବିନ୍ଦପୁର ଏବଂ ଗେଡିଆପଲ୍ଲି ଛକ ନିକଟରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମା ହୋଇରହିଛି। ଦୈନିକ ଛୋଟ ବଡ ଦୁର୍ଘଟଣା ଘଟୁଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ଯନ୍ତ୍ରୀ ଫକୀର ଚରଣ ବେହେରା କହିଛନ୍ତି, କାର୍ଯ୍ୟର ପ୍ରକୃତ ମାନ ତଦାରଖ କରାଯାଇଛି। ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ଅବଧି ରହିଛି। ପୁଣି ସଂଶୋଧିତ (ରେକ୍ଟିଫାଏଡ) ପାଇଁ ସମୟ ଅଛି। ଯେଉଁ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି ସଂଶୋଧିତ କରିବା ପାଇଁ ଠିକାଦାରଙ୍କୁ ଅବଗତ କରାଯାଇଛି। ଏକ ସପ୍ତାହ ହେବ ବର୍ଷା ଜାରି ରହିଛି। ପାଗ ପରିବର୍ତ୍ତନ ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ।

# ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ

ବଳଙ୍ଗା, ୨୪।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ବଜାର ମହାବୀର ଛକ ନିକଟ ଏକ ଔଷଧ ଦୋକାନ ନିକଟରେ ଥିବା ଏକ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ନେଇ ବୁଧବାର ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବଳଙ୍ଗା ପଞ୍ଚାୟତ ଗୋଲା ସାହି ଗ୍ରାମର ଦିଲୀପ ଜେନା ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ତାଙ୍କ ବାଇକ୍ ଡିକିରେ ଟଙ୍କା ରଖି ନିକଟ ଏକ ଔଷଧ ଦୋକାନକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗାଡ଼ି ଡିକି ଭାଙ୍ଗି ସେଥିରୁ ୨ ଜଣ ଯୁବକ ୫୦ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ଥାନା ଏସ୍ଆଇ କେଦାରଚନ୍ଦ୍ର ଦୋରା ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ରାମଚଣ୍ଡୀ ମୁହାଣରୁ ମୃତଦେହ ଜବତ

କୋଣାର୍କ, ୨୪।୭(ଜ୍ୟୋତିରାଜ ମହାନ୍ତି)

ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ କୁଶଭଦ୍ରା ନଦୀରୁ ବୁଧବାର ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ହୁଗୁଳିର ସୁମନ ସାନା(୨୭ବର୍ଷ)।

ନଦୀରେ ଏକ ମୃତଦେହ ଭାସୁଥିବା ନେଇ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି।

ସୁମନ ପୁରୀ ସମୁଦ୍ରରେ ଗାଧୋଉଥିବା ସମୟରେ ବୁଡ଼ିଯାଇଥିଲେ। ବୁଧବାର ତାଙ୍କ ମୃତଦେହ ଏଠାରେ ଲାଗିବାରୁ ପୋଲିସଠାରୁ ସୂଚନା ପାଇ ପରିବାର ଲୋକ ମୃତଦେହକୁ ଚିହ୍ନଟ କରିଥିଲେ। ମେରାଇନ ଥାନାରେ ଏନେଇ ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁରୀ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ଦିଆଯିବ ବୋଲି ଆଇଆଇସି ସାହୁ ସୂଚନା ଦେଇଛନ୍ତି।

# ଡଲ୍ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗର ପଇଁତରା

କୃଷ୍ଣପ୍ରସାଦ, ୨୪।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀ ଏବଂ ଇରାୱାଡି ଡଲ୍ଫିନ୍‌ମାନଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଇରାୱାଡି ଡଲ୍ଫିନ୍‌ଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସ୍କ୍ୱାଡ୍ ଟିମ୍ ଡଲ୍ଫିନ୍ ରହୁଥିବା ଚିଲିକାର ସୀମାରେ ସୁରକ୍ଷା ଦେଉଛନ୍ତି। ପର୍ଯ୍ୟଟକଙ୍କୁ ଡଲ୍ଫିନ ଦେଖାଇବା ପାଇଁ ରହିଥିବା ଡଙ୍ଗା ଚାଳକମାନଙ୍କୁ ସଚେତନ କରାଯାଉଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଜନସାଧାରଣ, ମତ୍ସ୍ୟଜୀବୀ, ବୁଦ୍ଧିଜୀବୀ, ମହିଳା ସଂଘ, ସ୍ୱେଚ୍ଛାସେବୀ ସଙ୍ଗଠନକୁ ନେଇ ସଚେତନତା ଶିବିର କରାଯାଇ ସଚେତନ କରାଯାଉଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡୀୟ ଅଧିକାରୀ ଅମ୍ଳାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ପାରିକୁଦ ବନ ବିଭାଗର ସ୍କ୍ୱାଡ୍ ଟିମ୍ ପାଞ୍ଚକୁଦି, କାଳିଜାଇ ନାଳ, ପାଣ୍ଡା, ଗେରାସର, ଟିଖିଲି, ସୋଲାକୁଦି, ଚତରା, ଜଟି ନାଳ ଆଦି ଚିଲିକାରେ ସଦଳବଳ ପଇଁତରା ମାରୁଛନ୍ତି।



ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ପୁରୀ ବେଳାଭୂମିରେ ପର୍ଯ୍ୟଟକମାନଙ୍କୁ ପୋଲିସ ଏବଂ ଲାଇଫ୍‌ଗାର୍ଡ କର୍ମୀମାନେ ସଚେତନ କରାଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ପିଚୁ ରାସ୍ତାରେ ତରବରିଆ ପଡ଼ିଲା କଂକ୍ରିଟ୍ ଢଳେଇ

ଗୋପ, ୨୪।୭(ଭାରତୀ ଭୂଷଣ ଉପାଧ୍ୟାୟ)

**ସୁବର୍ଣ୍ଣପୁର- ଗବକୁଣ୍ଡ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଦବିଯିବା ଘଟଣା**



ସୁବର୍ଣ୍ଣପୁର- ଗବକୁଣ୍ଡ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାର୍ଯ୍ୟ ନିମ୍ନମାନର ହେବା ଘଟଣା ପଦାକୁ ଆସିଛି। ଏହି ରାସ୍ତା ଦବି ଯିବା ଖବର ବୁଧବାର 'ଧରିତ୍ରୀ' ଖବରକାଗଜରେ ପ୍ରକାଶ ପାଇବା ପରେ ରାସ୍ତା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦବି ଯାଇଥିବା ପିଚୁ ରାସ୍ତା ଉପରେ ତରବରିଆ ଭାବେ କଂକ୍ରିଟ୍ ଢଳେଇ ପକାଯାଇଛି। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ ପଦସ୍ଥ ଯନ୍ତ୍ରୀମାନଙ୍କ ଚୁପ୍‌କୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଗୋପ ବ୍ଲକ ଓ ସତ୍ୟବାଦୀ ବ୍ଲକ ମଧ୍ୟରେ ସିଧାସଳଖ ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୮ କୋଟି ୬୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଏହି ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। ଫଳରେ ଫେବର ବ୍ଲକ ଓ ପିଚୁ ରାସ୍ତା ଦବି ଯାଇଥିଲା। ତେବେ ଏନେଇ ଖବର ପ୍ରକାଶ ପାଇବା ପରେ ବୁଧବାର ତରବରିଆ ଭାବେ ପିଚୁ ରାସ୍ତା ଉପରେ କଂକ୍ରିଟ୍ ଢଳେଇ ପକାଯାଇଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ରାସ୍ତା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏପରି ରାସ୍ତା ଦବି ଯିବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦସ୍ଥ ଯନ୍ତ୍ରୀମାନେ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ଗୁରୁତ୍ୱ ଦେଲେ ନାହିଁ। ଫଳରେ ଏବେ ତାର ପରିଣାମ ସାଧାରଣ ଲୋକେ ଭୋଗୁଥିବା ଓଡ଼ମ୍ବା ଗ୍ରାମର ପ୍ରଶାନ୍ତ ସ୍ୱାଇଁ, ଭୋଜନ ବେହେରା, ପ୍ରକାଶ ପ୍ରଧାନ ପ୍ରକାଶ କରିଛନ୍ତି।

# ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ସାମ୍ବାଦିକା

**ଅସହ୍ୟ ହେଲା ସ୍ୱାମୀଙ୍କ ପ୍ରତାରଣା**

ଭୁବନେଶ୍ୱର, ୨୪।୭(ସତ୍ୟଜିତ୍ ରାଉତ)

ମାତ୍ର ୪ ମାସ ତଳେ ବିବାହ ହୋଇଥିଲା। ନୂଆ ଆଶା ନେଇ ସୁନେଲି ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ହେଲେ ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ପ୍ରତାରଣା ସବୁ ସ୍ୱପ୍ନକୁ ଭାଙ୍ଗିଦେଲା। ବଞ୍ଚିବାର ସବୁ ଆଶା ହରାଇ ଶେଷରେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ ସାମ୍ବାଦିକା। ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ସନ୍ଧ୍ୟାରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ମୃତା ସାମ୍ବାଦିକା ହେଲେ ମଧୁମିତା ପରିଡ଼ା ଓରଫ ଟିନୁ। ଶିଶୁଭବନ ନିକଟ ରେଳଧାରଣାରୁ ମଧୁମିତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ଜିଆର୍‌ପି ଥାନା କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ମଧୁମିତାଙ୍କ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମଧୁମିତା ଏକ ୱେବ୍ ଚ୍ୟାନେଲ୍‌ରେ କପି ଏଡିଟର ଭାବେ କାମ କରୁଥିଲେ। ମୃତ୍ୟୁ



ମଧୁମିତା ପରିଡ଼ା

**ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଲା**

ପୂର୍ବରୁ ଏକ ଭିଡିଓ ଛାଡ଼ିଥିଲେ ମଧୁମିତା। ସ୍ୱାମୀ ଜଣେ ଫ୍ରଡ୍। ଧୋକା ଦେଇଛନ୍ତି। ମୁଁ ଆଉ ସହିପାରୁନି। କାନ୍ଦି କାନ୍ଦି ନିସ୍ତେଜ ହୋଇପଡ଼ିବା ସହ ମମିକୁ ସରି ବୋଲି କହି ମଧୁମିତା ସମସ୍ତଙ୍କୁ କ୍ଷମା ମାଗୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ନିର୍ଯାତନା ଅସହ୍ୟ ହେବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଜଣାପଡୁଛି। ମଧୁମିତାଙ୍କ ବାପା ସୁଶାନ୍ତ ପରିଡ଼ାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୫ବର୍ଷର ପ୍ରେମ, ମାର୍ଚ୍ଚ ୧ରେ ହୋଇଥିଲା ବିବାହ**

ମଧୁମିତାଙ୍କ ଘର ଗଞ୍ଜାମ ଭଞ୍ଜନଗରରେ ହୋଇଥିବାବେଳେ ତାଙ୍କ ପରିବାର ଲୋକେ ଭୁବନେଶ୍ୱର ନୂଆଗାଁ ଇନ୍ଦିରା କଲୋନୀରେ ରହୁଛନ୍ତି। ମଧୁମିତା ବଡ଼ଝିଅ ଥିଲେ, ତାଙ୍କ ତଳେ ଆଉ ଜଣେ ଭଉଣୀ (ସିଲି) ଓ ଭାଇ ଅଛନ୍ତି। ସ୍ୱାମୀ ଶ୍ରୀଧରଙ୍କ ଘର ମଧ ଭଞ୍ଜନଗର ଅଞ୍ଚଳରେ। ସେ ଏୟାରଫୋର୍ସରେ ଚାକିରି କରୁଥିବା ନେଇ ମଧୁମିତାଙ୍କୁ କହିଥିଲେ। ଦୀର୍ଘ ୫ ବର୍ଷ ହେଲା ଉଭୟ ପ୍ରେମ ସମ୍ପର୍କରେ ରହିବା ପରେ ଗତ ମାର୍ଚ୍ଚ ୧ରେ ବିବାହ ହୋଇଥିଲା। ସେମାନେ ଇନ୍ଦିରା କଲୋନୀରେ ଏକ ଘରଭଡ଼ା ନେଇ ରହୁଥିଲେ। ଶ୍ରୀଧର ପୂର୍ବରୁ ବିବାହିତ ଓ ଛାଡ଼ପତ୍ର ଦେଇଥିବା ନେଇ ଜାଣିବା ପରେ ମଧୁମିତା ଭାଙ୍ଗିପଡ଼ିଥିଲେ। ଏପରିକି ଶ୍ରୀଧର ବିଳମ୍ବିତ ରାତିରେ ଅନ୍ୟ ଝିଅଙ୍କ ସହ ଦୀର୍ଘସମୟ ପର୍ଯ୍ୟନ୍ତ କଥା ହେଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ପରିବାର ଲୋକେ କହିଛନ୍ତି।

**ପୂର୍ବରୁ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ**

୮ ଦିନ ହେଲା ସ୍ୱାମୀ ଶ୍ରୀଧର ଘରକୁ ଫେରିଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ତୀବ୍ର ହୋଇଥିଲା। ଏପରିକି ୨ଦିନ ତଳେ ଏହାକୁ ନେଇ ମଧୁମିତା ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମଙ୍ଗଳବାର ସେ ଧଉଳି ଥାନାକୁ ଯାଇ ପୋଲିସକୁ ଜଣାଇଥିଲେ। ସେଠାରେ ଆପୋସ ସମାଧାନ ପୂର୍ବକ ସ୍ୱାମୀଙ୍କ ସହ ମିଶି ଚଳିବାକୁ ପୋଲିସ ପରାମର୍ଶ ଦେଇଥିଲା ବୋଲି ସୂଚନା ମିଳିଛି।

# ଜିଲାରେ ୧୬୭.୫ ମି.ମି. ବର୍ଷା ରେକର୍ଡ

ପୁରୀ, ୨୪।୭(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମେ ଦୁର୍ବଳ ହୋଇଛି। ଲଘୁଚାପ ପ୍ରଭାବରେ ପୁରୀରେ ଦୁଇଦିନ ଧରି ହେଉଥିବା ଲଗାଣ ବର୍ଷାର ପରିମାଣ ବୁଧବାର କମିଛି। ବୁଧବାର ଦିନ ତମାମ ଆକାଶ ମେଘାଚ୍ଛନ୍ନ ଥିଲେ ମଧ୍ୟ ବର୍ଷା ସେତେଟା ହୋଇ ନ ଥିବା ଦେଖିବାକୁ ମିଳିଛି। ତେବେ ଦୁଇଦିନ ଧରି ଲଗାଣ ବର୍ଷା କାରଣରୁ ପୁରୀର ତଳିଆ ଅଞ୍ଚଳରେ ପାଣି ସାମାନ୍ୟ ଜମିଥିବା ଦୃଷ୍ଟିଗୋଚର ହୋଇଛି। ଅପରପକ୍ଷରେ ଲଘୁଚାପ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରରେ ଧିବରମାନଙ୍କୁ ମାଛ ଧରିବାରେ ବାରଣ କରାଯାଉଛି। ଫଳରେ ମତ୍ସ୍ୟଜୀବୀମାନେ ହାତବାନ୍ଧି ବସିଛନ୍ତି। ତେବେ ପାଣିପାଗ ବିଭାଗ ସୂଚନା ମୁତାବକ, ବୁଧବାର ଜିଲାରେ ୧୬୭.୫ ମିଲିମିଟର ବର୍ଷା ହୋଇଛି। ତେବେ ବ୍ଲକ ଅନୁସାରେ ଅସ୍ତରଙ୍ଗରେ ୩.୦ ମିଲିମିଟର, ବ୍ରହ୍ମଗିରିରେ ୭.୦ ମିଲିମିଟର, ଡେଲାଙ୍ଗରେ ୯.୦ ମିଲିମିଟର, ଗୋପରେ ୧୨.୦ ମିଲିମିଟର, କାକଟପୁରରେ ୧୧.୦ ମିଲିମିଟର, କଣାସରେ ୧୨. ମିଲିମିଟର, କୃଷ୍ଣପ୍ରସାଦରେ ୧୪.୫ ମିଲିମିଟର, ନିମାପଡାରେ ୩୩ ମିଲିମିଟର, ପିପିଲିରେ ୨୧ ମିଲିମିଟର, ପୁରୀରେ ୧୮ ମିଲିମିଟର, ସତ୍ୟବାଦୀରେ ୧୨ ମିଲିମିଟର ଏବଂ କୋଣାର୍କ ଏନଏସିରେ ୧୫.୦ ମିଲିମିଟର ବର୍ଷା ହୋଇଛି। ଏହିପରି ଜିଲାରେ ସର୍ବମୋଟ ୧୬୭.୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଥିବାବେଳେ ହାରାହାରି ୧୩.୯୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ରାଧାଗୋବିନ୍ଦ ମନ୍ଦିର, ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା

ପିପିଲି, ୨୪।୭(ପ୍ରଭାତ କୁମାର ମହାପାତ୍ର)

ପିପିଲି ନିକଟସ୍ଥ ଦରଡ଼ା ଗ୍ରାମ ଶ୍ରୀଶ୍ରୀ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା, ନୂତନ ବିଗ୍ରହ ଓ ପ୍ରାଣ ପ୍ରତିଷ୍ଠା ୫ଦିନ ବ୍ୟାପୀ ଆଧ୍ୟାତ୍ମିକ ପରିବେଶରେ ସମାପନ ହୋଇଯାଇଛି। ଆଷାଢ଼ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ରାଧାଗୋବିନ୍ଦ ମନ୍ଦିରରେ ନୂତନ ବିଗ୍ରହ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ୯ ଜଣ ପୁରୋହିତ ସାମିଲ ହୋଇଥିଲେ। ମୁଖ୍ୟ ପୂଜକ ପୂର୍ଣ୍ଣ ମିଶ୍ର, ବସନ୍ତ ଦାଶଙ୍କ ପୌରୋହିତ୍ୟରେ ସମସ୍ତ ନୀତିକାନ୍ତି ସମାପନ ହୋଇଥିଲା। ଗ୍ରାମର ମୁରବି ଶ୍ୟାମସୁନ୍ଦର ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ କାଞ୍ଚନ ବିଶ୍ୱାଳ ଏହି ମହାଯଜ୍ଞରେ କର୍ତ୍ତାକର୍ତ୍ତ ଭାବେ ନିଜ କାର୍ଯ୍ୟ ତୁଲାଇଥିଲେ। ଗ୍ରାମରେ ଶ୍ରୀରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା, ନୂତନ ବିଗ୍ରହ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ନିମନ୍ତେ ପୂରା ଗ୍ରାମ ଉତ୍ସବ ମୁଖର ହୋଇଥିଲା। ଗତ ଶନିବାରଠାରୁ ଯଜ୍ଞ ଆରମ୍ଭ ହୋଇଥିଲା। ଗ୍ରାମର ୧୪୨ ଜଣ ମହିଳା ପୁରୁଷ ବ୍ରତୀ ହୋଇ ଭାର୍ଗବୀ ନଦୀରୁ ପୂର୍ଣ୍ଣ ଜଳ କଳସ ଉଠାଇଥିଲେ। ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ପ୍ରଭୁଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ହୋଇ ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ୫ ଦିନ ମହାଯଜ୍ଞରେ ଭଜନ, ସଂକୀର୍ତ୍ତନରେ ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହୋଇଥିବାବେଳେ ପୂରା ଆଧ୍ୟାତ୍ମିକ ପରିବେଶରେ ଗ୍ରାମ ସମସ୍ତ ମହିଳା ପୁରୁଷ ଏଥିରେ ସାମିଲ ହୋଇଥିଲେ। ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳ, ବାନାମ୍ବର ନାୟକ, ଚନ୍ଦ୍ରମଣି ପ୍ରଧାନ, ସୁଧୀର ବିଶ୍ୱାଳ, ଭଗବାନ ଖଟୋଇଙ୍କ ସମେତ ଗ୍ରାମବାସୀ କାର୍ଯ୍ୟ ସମ୍ପାଦନ କରିଥିଲେ।

# ତରକାରିରୁ ଉଭାନ ହେଲାଣି ଆଳୁ

ଅସ୍ତରଙ୍ଗ, ୨୪।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅନ୍ୟ କୌଣସି ପରିବା ନ ଥିଲେ ଚଳିଯାଇପାରେ, କିନ୍ତୁ ଆଳୁ ବିନା ସ୍ୱାଦ ସବୁବେଳେ ଅଧୁରା। ଅଭାବରେ କେବଳ ଆଳୁ ହିଁ ଯଥେଷ୍ଟ। କିନ୍ତୁ ବର୍ତ୍ତମାନ ଆଳୁ କିଲୋ ୪୦ଟଙ୍କା ହେବା ପରଠାରୁ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ଭାରି ପ୍ରଭାବିତ ହୋଇଛନ୍ତି। କେବଳ ଘର ନୁହେଁ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଜଳଖିଆ ଦୋକାନ, ଗୁପଚୁପ ଠେଲା, ଦହିବରା ଠେଲା ଭଳି ଛୋଟ ବ୍ୟବସାୟୀ ମଧ୍ୟ ଏଥିରେ ପ୍ରଭାବିତ ହେଉଛନ୍ତି। ଅସ୍ତରଙ୍ଗ ଖୁଚୁରା ବଜାରରେ ଆଳୁ ଦର ଏବେ ୪୦ଟଙ୍କା ବଳବତ୍ତର ରହିଛି। ଏଥିଯୋଗୁ ଶ୍ରାବଣ ମାସରେ ପରିବା ଦର ବୃଦ୍ଧିଥିବାବେଳେ ଯେଉଁ ଏକମାତ୍ର ପରିବାର ଆଶ୍ରା ଥାଏ ଆଳୁ, ତାହା ମଧ୍ୟ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ହାତପାହାନ୍ତାରୁ ବାହାରିଗଲାଣି। ୧୫ଦିନ ତଳେ ଏଠାରେ ଯେଉଁ ଆଳୁ ୩୦ଟଙ୍କା ଦରରେ ବିକ୍ରି ହେଉଥିଲା, ତାହା ଏବେ ୪୦ଟଙ୍କା ଦରରେ ବିକ୍ରି ହେଉଛି। ଓଡ଼ିଶା ଖାଉଟି ବଜାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଆଳୁ ଉପରେ ନିର୍ଭର କରୁଥିବାବେଳେ ବଙ୍ଗ ବ୍ୟବସାୟୀ ଏବେ ଆଳୁକୁ ଓଡ଼ିଶା ଛାଡୁନାହାନ୍ତି ବୋଲି ଅସ୍ତରଙ୍ଗ ହାଟର କେତେଜଣ ଆଳୁ ବ୍ୟବସାୟୀ କହିଛନ୍ତି। ସେମାନଙ୍କ ଦ୍ୱାରା ରପ୍ତାନି କଟକଣା ଦରବୃଦ୍ଧି ସମସ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଛି। କଟକଣା ବଳବତ୍ତର ରହିଲେ ଆଗାମୀ ଦିନରେ ଲୋକେ ଚଢ଼ାଦରରେ ଆଳୁ କିଣିବାକୁ ବାଧ୍ୟ ହୋଇପାରନ୍ତି। ପଶ୍ଚିମବଙ୍ଗର ମେଦିନାପୁର, ବାଙ୍କୁଡ଼ି, ହୁଗୁଳି, ମୁରସିଦାବାଦ ଆଦି ଅଞ୍ଚଳରେ ଉତ୍ପାଦିତ ଆଳୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ରପ୍ତାନି ହୋଇଥାଏ। ଆଳୁ ଦର ଏମିତି କ୍ରମଶଃ ବୃଦ୍ଧି ପାଇଲେ ଲୋକେ ଚଢ଼ା ଦରରେ ଆଳୁ କିଣିବେ ବୋଲି କୁହାଯାଇଛି।

ସୂଚନାଥାଉକି, ୨୦୧୨ ଏପ୍ରିଲରେ ପଶ୍ଚିମବଙ୍ଗ ଆଳୁକୁ ନେଇ ଓଡ଼ିଶା ସମେତ ଅସ୍ତରଙ୍ଗ ମାର୍କେଟରେ ସମାନ ସ୍ଥିତି ଦେଖାଦେଇଥିଲା। ଏମିତି ଏକ ସମୟ ଆସିଥିଲା, ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରି ନ ଥିଲା। ତେଣୁ ବେଳ ଥାଉ ଥାଉ ଉପୁଜୁଥିବା ଦୁଃସ୍ଥିତି ନିୟନ୍ତ୍ରଣ ହେବା ଜରୁରୀ। ଏନେଇ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶା ସରକାର ତ୍ୱରିତ ବିହିତ ପଦକ୍ଷେପ ନେବା ଦରକାର ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# କଲେଜ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପୁରୀ ୨୪।୭(ଅଜିତ୍ କୁମାର ମହାନ୍ତି)




ପୁରୀ କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍, ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପାଇଁ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଛି। କଲେଜର ଅଧ୍ୟକ୍ଷ ଅମିୟକାନ୍ତ ମିଶ୍ର ଜିପିଏଟି ଓ ଏନ୍ଆଇପିଇଆର ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କଲେଜର ୧୬ଜଣ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ କୃତିତ୍ୱ ପାଇଁ କଲେଜ ଗର୍ବିତ। ଏଥିସହିତ ପ୍ରତ୍ୟେକ ବର୍ଷ କଲେଜରୁ ବହୁ ଛାତ୍ରୀଛାତ୍ର ଏହିପରି କଷ୍ଟସାଧ୍ୟ ପ୍ରବେଶିକା ପରିକ୍ଷାରେ କୃତକାର୍ଯ୍ୟ ହେଉଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରେ କଲେଜ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମିଶ୍ର କହିଥିଲେ। ଯେଉଁ ବିଦ୍ୟାର୍ଥୀମାନେ ଉକ୍ତ ପ୍ରବେଶିକା ପରୀକ୍ଷାରେ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି, ସେମାନେ ଦେଶର ବିଭିନ୍ନ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ମନୋନୀତ ହୋଇପାରୁଛନ୍ତି। ଅନ୍ୟ ଛାତ୍ରୀଛାତ୍ରମାନେ ସେମାନଙ୍କୁ ଅନୁସରଣ କରିବା ଉଚିତ୍ ବୋଲି କଲେଜର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର, ଗଣେଶ ଦାଶ ଓ ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ ନିଜ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। ଏଥିସହିତ ୧୬ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ ସହିତ ସ୍ମାରଣୀକା ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ସୋଆ ପକ୍ଷରୁ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲକାଟୀ,୨୪।୭(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅଧୀନ ପୂରଣ ପଧାନ ଗ୍ରାମରେ ସୋଆ ୪ର୍ଥ ବର୍ଷ ଛାତ୍ରଙ୍କ ଦ୍ୱାରା ଏକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ. ବିଦ୍ୱାନ୍ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ 'ବି ୩' ଛାତ୍ର ଗୋଷ୍ଠୀର ଛାତ୍ରମାନେ ଜୈବିକ କୃଷି ବିଷୟରେ ଆଲୋଚନା କରିବା ସହ ଜୀବାମୃତ ଓ ନିମାସ୍ତ୍ର ପ୍ରସ୍ତୁତି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ. ଭୁବନାନନ୍ଦ ଅଧିକାରୀ, ସମ୍ମାନିତ ଅତିଥି ଭାବେ ଅଞ୍ଚଳର ଅଗ୍ରଣୀ ଚାଷୀ ଶିବ ଶଙ୍କର ପଣ୍ଡା, ଭାନୁ ବେହେରା, ଗୋବିନ୍ଦ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ହୃଷୀକେଶ ପାଣିଗ୍ରାହୀ, ସିଦ୍ଧେଶ ପଣ୍ଡା, ଶୁଭମ୍ ସାମନ୍ତରାୟ, ଶୈଳେନ୍ଦ୍ର ନାରାୟଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାରତୀୟ ଅଡିଟ୍ ଓ ଆକାଉଣ୍ଟସ୍ ପେନ୍‌ସନର ଆସୋସିଏଶନର ସାଧାରଣ ଅଧିବେଶନ

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

ଭାରତୀୟ ଅଡିଟ ଓ ଆକାଉଣ୍ଟସ ପେନ୍‌ସନର ଆସୋସିଏଶନର ବାର୍ଷିକ ସାଧାରଣ ଅଧିବେଶନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଘନଶ୍ୟାମ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରି ଦୀର୍ଘ ୬ ଦଶନ୍ଧି ଧରି ଓଡିଶାର ପେନ୍‌ସନରମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ହୋଇଥିବା ପ୍ରୟାସ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ପ୍ରଭାତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଦସ୍ୟ ପ୍ରଭାକର ମୁନି, ପ୍ରମୋଦ କୁମାର ମିଶ୍ର, ଗଗନ ବିହାରୀ ମନ୍ତ୍ରୀ, ହରିହର ସାହୁ, ସୁଦର୍ଶନ ପଟ୍ଟନାୟକ ଓ ରଞ୍ଜନ କୁମାର ନନ୍ଦ ପେନସନରମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଭୁବନେଶ୍ୱର ଓ କଟକରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ଖୋଲିବାର ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ବିଭିନ୍ନ ମୌଳିକ ସୁବିଧା ଓ ଭିତ୍ତିଭୂମିର ଅଭାବ ଏବେ ବିପୂରଣ ହୋଇପାରିନାହିଁ। ଏହାର ସମାଧାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସଂଘ ଉପ ସଭାପତି ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

### ୨ ଲୁଟେରାଙ୍କୁ ୨ ବର୍ଷ ୫ ମାସ ଲେଖାଏ ଜେଲ

ଭୁବନେଶ୍ୱର,୨୪।୭(ସତ୍ୟଜିତ ରାଉତ)

ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ମାମଲାରେ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର ବୁଧବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ପ୍ରଦୀପ କୁମାର ଓ ବିକାଶ କୁମାରଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ଉଭୟଙ୍କୁ ୨ ବର୍ଷ ୫ ମାସ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ୨୦୨୩ ମେ ୨ ସକାଳ ୫ଟାରେ ଅଭିଯୁକ୍ତଦ୍ୱୟ ଲିଙ୍ଗିପୁର ଅଞ୍ଚଳରେ ରହୁଥିବା ଅଭିଯୋଗକାରୀ ଦିଗବିଜୟୀ ବେହେରାଙ୍କ ମା' ମମତା ରାଣୀ ବେହେରାଙ୍କ ବେକରୁ ୨୦ ଗ୍ରାମ ଓଜନର ସୁନାଚେନ୍‌କୁ ଝାମ୍ପି ନେଇ ପଳାଇଥିଲେ।

# ୩ ମାସରେ ୩୦ ଘରୋଇ ହିଂସାର ଆପୋସ ସମାଧାନ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

**ଘର ସଜାଡୁଛି ମହିଳା ସହଯୋଗ କେନ୍ଦ୍ର 'ମାଧମ'**

ଘର ସଜାଡୁଛି ମହିଳା ସହଯୋଗ କେନ୍ଦ୍ର 'ମାଧମ'। ପାରିବାରିକ ବା ଘରୋଇ ହିଂସାରେ ପଡି ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସମସ୍ୟାର ଆପୋସ ସମାଧାନ ଚାହୁଁଛନ୍ତି, ଭୁବନେଶ୍ୱର ଡିସିପି ଅଫିସ୍‌ଠାରେ କାର୍ଯ୍ୟ କରୁଥିବା 'ମାଧମ' ସେମାନଙ୍କ ସମସ୍ୟା ବୁଝି ସମାଧାନର ପନ୍ଥା ବାହାର କରୁଛି। ଗତ ୩ ମାସରେ ଏହି ସଂସ୍ଥା ୪୨ ପାରିବାରିକ ଘଟଣାରୁ ୩୦ଟିର ଆପୋସ ସମାଧାନ କରିଛି। ଏପ୍ରିଲରେ ୧୫ ଅଭିଯୋଗରୁ ୯, ମେ'ରେ ୧୭ରୁ ୧୫ ଓ ଜୁନ୍‌ରେ ୧୦ଟି ଅଭିଯୋଗରୁ ୬ଟିରେ ଆଲୋଚନା ଜରିଆରେ ଆପୋସ ସମାଧାନ ହୋଇପାରିଛି। ଏପ୍ରିଲରେ ଜଣେ ମହିଳାଙ୍କୁ ଆଇନଗତ ସୁରକ୍ଷା ଯୋଗାଇ ଦିଆଯାଇଥିବାବେଳେ ଜଣଙ୍କୁ ଡାକ୍ତରୀ ସହାୟତା ପ୍ରଦାନ କରାଯାଇଛି। ଅନ୍ୟ ୨ଜଣଙ୍କ କ୍ଷେତ୍ରରେ ସ୍ଥାନୀୟ ଥାନାରେ ମାମଲା ରୁଜୁ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ମେ'ରେ ୨ଜଣ ମହିଳାଙ୍କୁ ଡାକ୍ତରୀ ସହାୟତା ଯୋଗାଇ ଦିଆଯାଇଛି ଏବଂ ଅନ୍ୟ ଜଣଙ୍କ କ୍ଷେତ୍ରରେ ସ୍ଥାନୀୟ ଥାନାରେ ମାମଲା ରୁଜୁ ଲାଗି ମଧ୍ୟ ପରାମର୍ଶ ଦିଆଯାଇଛି। ଜୁନ୍‌ରେ ଜଣେ ମହିଳାଙ୍କୁ ଆଇନଗତ ସୁରକ୍ଷା ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ୩ ଜଣଙ୍କ କ୍ଷେତ୍ରରେ ମାମଲା ରୁଜୁ ଲାଗି ପରାମର୍ଶ ଦିଆଯାଇଥିବା ସୂଚନା ଦିଆଯାଇଛି। ୨୦୧୪ ସେପ୍ଟେମ୍ବର ୩ରୁ 'ମାଧମ' କାର୍ଯ୍ୟ କରୁଛି। ଏହି ସଂସ୍ଥା ପରିବାର, କାର୍ଯ୍ୟସ୍ଥଳିରେ ନିର୍ଯାତନା, ଘରୋଇ ହିଂସା, ଯୌନ ନିର୍ଯାତନା, ମହିଳା ଚାଲାଣ, ବାଲ୍ୟ ବିବାହ, ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ସୁରକ୍ଷା ଦେବା ସହ ପରାମର୍ଶ ଦେଇ ସକାରାତ୍ମକ ମନୋଭାବ ସୃଷ୍ଟି କରୁଛି। ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବା ସହ ପୀଡିତା ମହିଳାମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଆବଶ୍ୟକ ସାହାଯ୍ୟ, ସହଯୋଗ, ପରାମର୍ଶ, ଡାକ୍ତରୀ ସହାୟତା ଓ ନ୍ୟାୟ ଦେବାକୁ ପ୍ରୟାସ କରୁଛି। ଏହି ସଂସ୍ଥା ଦ୍ୱାରା ପୀଡିତା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ମାଗଣା ତାଲିମ ନେବାର ବ୍ୟବସ୍ଥା କରାଯାଇଛି। ବିବାହ ବିଚ୍ଛେଦ ହେବାକୁ ଯାଉଥିବା କେତେକ ଘଟଣାରେ ବ୍ୟକ୍ତିଗତ ଭାବେ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି ବସାଇ କିମ୍ବା ପରେ ଆବଶ୍ୟକ ହେଲେ ଉଭୟଙ୍କ ପରିବାର ସଦସ୍ୟଙ୍କୁ ଡକାଯାଇ ଆପୋସ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯାଉଛି। ଏଥିସହ ଆପୋସ ବୁଝାମଣା ଜରିଆରେ ସ୍ୱାମୀ-ସ୍ତ୍ରୀ ପରସ୍ପରଠାରୁ ଅଲଗା ରହିବା କ୍ଷେତ୍ରରେ ମଧ୍ୟ ମାଧମ ବଡ଼ ଭୂମିକା ନେଉଛି। କନ୍ୟା ଘର ପକ୍ଷରୁ ବରକୁ ଦିଆଯାଇଥିବା ଧନ ସମ୍ପତ୍ତିକୁ ଉଦ୍ଧାର କରାଯାଇ ସ୍ତ୍ରୀ ଜିମା ଦିଆଯାଉଛି। ମାଧମ ଦ୍ୱାରା କୌଣସି ପାରିବାରିକ ସମସ୍ୟାର ସମାଧାନ ଚାହୁଁଥିଲେ ମୋବାଇଲ ନଂ.୯୮୬୧୯୨୭୬୨୭ରେ ପ୍ରତିଦିନ ସକାଳ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ଯୋଗଯୋଗ କରିବାକୁ କୁହାଯାଇଛି।

# ବିଚ୍ଛିନ୍ନାଞ୍ଚଳରେ 'ଉତ୍କଳ ପ୍ରସଙ୍ଗ' ବଣ୍ଟନ



ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ ଅନୁରୋଧକ୍ରମେ ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲଙ୍କ ଦ୍ୱାରା ୩ହଜାର ୫୦୦ 'ଉତ୍କଳ ପ୍ରସଙ୍ଗ' (ରଥ ବିଶେଷାଙ୍କ) ଓ ୧ହଜାର 'ଓଡ଼ିଶା ରିଭ୍ୟୁ' ବିଚ୍ଛିନ୍ନାଞ୍ଚଳରେ ବଣ୍ଟନ ହୋଇଛି। ବିଭାଗର ଉପନିର୍ଦ୍ଦେଶକ ସୁଜିତ ମିଶ୍ର, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ସଚୀନ୍ଦ୍ର ବେହେରା ପ୍ରମୁଖ ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରର ବିଭିନ୍ନ ଅଞ୍ଚଳକୁ ଯାଇ ବଣ୍ଟନକାର୍ଯ୍ୟ ସମ୍ପାଦନ ସହ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ପ୍ରଚାରପ୍ରସାର କରିଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜ ପ୍ରଧାନ, ସୁଶୀଳ ଷଡ଼ଙ୍ଗୀ, ସୁବାସ ବେରା, ଶିଶିର ମହାନ୍ତି, କ୍ଷମା ସାଗର ଭୋଇ, ନିଳିମା ପ୍ରଧାନ ପ୍ରମୁଖ ସମ୍ମିଳନୀର ସ୍ଥାନୀୟ ଶାଖା କର୍ମକର୍ତ୍ତା, ଶିକ୍ଷା ପରିଦର୍ଶକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହାୟତା କରିଥିଲେ।

# ଓଡ଼ିଶା ନାଟ୍ୟ ଆନ୍ଦୋଳନରେ କାଳୀଚରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥିତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଉଛି।

ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ନାଟ୍ୟକାର, ଓଡ଼ିଶାର ଆଧୁନିକ ରଙ୍ଗମଞ୍ଚର ଭୀଷ୍ମ ପିତାମହ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୪୬ତମ ପୁଣ୍ୟତିଥି ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ମାଟିର ଦାୟାଦ ଓ ବଡ଼ମ୍ବା ଗଡ଼ରେ ଜନ୍ମ ହୋଇଥିବା କାଳୀଚରଣ ଉଚ୍ଚ ଶିକ୍ଷା ପରେ ରାଜ୍ୟରେ ମଞ୍ଚ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ବହୁ କାବ୍ୟ, କବିତା, ନାଟକ ରଚନା କରିବା ସହ ନିଜେ ନାଟ୍ୟ ନିର୍ଦ୍ଦେଶନା ଦେଇ ନାଟକ ପରିବେଷଣ କରୁଥିଲେ। ପୁରୀର ଗଜପତି ମହାରାଜା ତାଙ୍କୁ କବିଚନ୍ଦ୍ର ଉପାଧିରେ ଭୂଷିତ କରିଥିଲେ। ପରବର୍ତ୍ତୀ ସମୟରେ ସେ ପଦ୍ମଶ୍ରୀ ସମ୍ମାନକୁ ମଧ୍ୟ ଗ୍ରହଣ କରି ନ ଥିଲେ। ଓଡ଼ିଶାର ନାଟ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଛନ୍ତି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପ୍ରଫେସର ଉପେନ୍ଦ୍ର ପାଢ଼ୀ, ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପକ ନିମାକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଉପଦେଷ୍ଟା କମିଟି ବୈଠକ

ଭୁବନେଶ୍ୱର,୨୪।୭
(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ବାର୍ଷିକ ଉପଦେଷ୍ଟା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ଦ୍ୱାରା ସହବନ୍ଧିତ ୧୪ଟି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ତଥା ଅଧକ୍ଷ ଯୋଗଦେଇ ୨୦୨୩-୨୪ ଆର୍ଥିକ ବର୍ଷରେ ଜାତୀୟ ସେବା ଯୋଜନା ଦ୍ୱାରା ହୋଇଥିବା ବୃକ୍ଷ ରୋପଣ, ରକ୍ତଦାନ ଓ ସ୍ୱତନ୍ତ୍ର ଶିବିର ଆଦି କାର୍ଯ୍ୟାବଳୀର ସମୀକ୍ଷା କରାଯାଇଥିଲା। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇ ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଜାତୀୟ ସେବା ଯୋଜନା ଶାଖା ସଂଖ୍ୟା ବୃଦ୍ଧି କରିବା ସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧିକ ସଂଖ୍ୟକ ସ୍ବେଚ୍ଛାସେବୀଙ୍କୁ ସଦସ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଉପସଚିବ ତଥା ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ୨୦୨୪-୨୫ ଆର୍ଥିକ ବର୍ଷରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଅଧିକ କାର୍ଯ୍ୟକ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ସ୍ବେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଅଧିକ ସଂଖ୍ୟକ କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର, ଡ. ଶାରଦା ପ୍ରସନ୍ନ ଦାସ, ପ୍ରଭାତ କୁମାର ମହାନ୍ତି, ଅଜୟ କୁମାର ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥଲେ।

# ୨୧ଜିଲ୍ଲାରୁ ୭୦ହଜାର ରକ୍ତହୀନତା ରୋଗୀ ଚିହ୍ନଟ



ଭୁବନେଶ୍ୱର,୨୪।୭(ଅସମାପିକା ସାହୁ)

ଓଡ଼ିଶାରୁ ରକ୍ତହୀନତା ଏବଂ ଥାଲାସେମିଆ ରୋଗ ଦୂର କରିବା ପାଇଁ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଡାକ୍ତର, ରକ୍ତହୀନତା କାର୍ଯ୍ୟକ୍ରମର ସହାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ୨୧ଟି ଜିଲାରେ ରକ୍ତହୀନତା ଏବଂ ଥାଲାସେମିଆର ପ୍ରାଦୁର୍ଭାବ ରହିଛି। ଓଡ଼ିଶାରେ ରକ୍ତହୀନତାର ହାର ୧୦% ରୁ ୪୦% ରହିଥିବା ବେଳେ ଥାଲାସେମିଆର ହାର ୬% ରୁ ୧୦% ରହିଥିବା ମତପ୍ରକାଶ ପାଇଛି। ଷ୍ଟେଟ ହେଲ୍‌ଥ ସିଷ୍ଟମ ରିସୋର୍ସ ସେଣ୍ଟରର ଟିମ୍ ଲିଡର ଡା. ଦୀନବନ୍ଧୁ ସାହୁ କହିଛନ୍ତି, ଓଡ଼ିଶାର ୨୧ ଜିଲାରେ ପ୍ରାୟ ୩୦ଲକ୍ଷ ସ୍କ୍ରିନିଂ କରାଯାଇଥିଲା। ସେଥିମଧ୍ୟରୁ ୭୦ ହଜାର ରକ୍ତହୀନତା ରୋଗରେ ପୀଡ଼ିତ ଥିବା ଜଣାପଡିଥିଲା। ଆଗାମୀ ୫ବର୍ଷରେ ଏହି ୨୧ଜିଲାରେ ଆମେ ୦ରୁ ୪୦ବର୍ଷୀୟ ୮୦ଲକ୍ଷ ଲୋକଙ୍କର ସ୍କ୍ରିନିଂ କରିବାକୁ ଲକ୍ଷ୍ୟ ରଖିଛୁ। ଯେଉଁଥିରେ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଡା. ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ୟୁନିସେଫ ନ୍ୟୁଟ୍ରିଶନ ସ୍ପେସିଆଲିଷ୍ଟ ସୌରଭ ଭଟ୍ଟାଚାର୍ଜୀ ଉପସ୍ଥିତ ଥିଲେ।

# ଶିଶୁ ଚଳଚ୍ଚିତ୍ର ଉତ୍ସବ ଆରମ୍ଭ



ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଦ୍ୱିତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ବୁଧବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଆରମ୍ଭ ହୋଇଛି। ଏହି ଉତ୍ସବରେ ଲୟୋଲା ସ୍କୁଲର ଉଭୟ ଓଡ଼ିଆ ଓ ଇଂଲିଶ ମିଡିୟମର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶିକ୍ଷାର୍ଥୀମାନେ ଯୋଗଦେବେ। ଶିଶୁ ଚଳଚ୍ଚିତ୍ର ସହ ଶିଶୁଙ୍କୁ ଯୋଡ଼ିବା ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଛି। ସେମାନଙ୍କୁ ଏହି ଉତ୍ସବ ଅବସରରେ ଫିଲ୍ମ ଦେଖିବା ସହ ପପ୍-ଅପ୍ ଆର୍ଟ ୱାର୍କ, ସ୍ୟାଣ୍ଡ ଆର୍ଟ ଆନିମେଶନ୍ ଭଳି ବିଭିନ୍ନ କର୍ମଶାଳାରେ ଯୋଗଦେବାର ସୁଯୋଗ ମିଳିବ। ଉଦ୍‌ଘାଟନୀ ଦିବସରେ ଜାପାନିଜ ଚଳଚ୍ଚିତ୍ର 'ସ୍ପିରିଟେଡ୍ ଆୱେ' ଓ ଇଂଲିଶ ଚଳଚ୍ଚିତ୍ର 'ସଙ୍ଗ ଅଫ୍ ଦ ସି'ର ସ୍କ୍ରିନିଂ ହୋଇଥିଲା। ସୋସାଇଟି ସଭାପତି ସୁବ୍ରତ ବେଉରା କହିଛନ୍ତି, ଚଳଚ୍ଚିତ୍ର ମାଧ୍ୟମରେ ଇତିହାସ, ଷ୍ଟୋରିଟେଲିଂ କଲଚର ସହ ପିଲାମାନଙ୍କୁ ଏହି ଉତ୍ସବ ଏକ ସଂଯୋଗ ସାଜିବ।

# ମନୋରଞ୍ଜନଙ୍କ ସବୁ ନାଟକ କ୍ଲାସିକ ସୃଷ୍ଟି

ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ)



ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନବନାଟ୍ୟ ଆନ୍ଦୋଳନର ପୁରୋଧା ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୋଧୂଳି ସାହିତ୍ୟ ସଂସଦ ଓ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଗୋଧୂଳି ସାହିତ୍ୟ ସଂସଦର ସଭାପତି ବିମଳା ସିଂହ ଯୋଗଦେଇ କହିଲେ, ଓଡିଆ ନାଟକରେ ପରୀକ୍ଷା ଓ ପ୍ରୟୋଗର ଧାରା ମନୋରଞ୍ଜନଙ୍କଠାରୁ ଆରମ୍ଭ ହୋଇଥିଲା। ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ସହ ସମ୍ପାଦକ ସଞ୍ଜୟ କୁମାର ଛୁଆଳ ସିଂ ଯୋଗଦେଇ କହିଲେ, ତାଙ୍କ ନାଟକଗୁଡିକ ଗୋଟିଏ ଗୋଟିଏ କ୍ଲାସିକ ସୃଷ୍ଟି। ଏହି ଅବସରରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କୁ ଓଡିଶୀ ନୃତ୍ୟ ଗୁରୁ ତଥା ଦାସଙ୍କ ସୁପୁତ୍ରୀ ସିକତା ଦାସ, ପ୍ରଫେସର ସଂଘମିତ୍ରା ମିଶ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରାବନ୍ଧିକ ଡ.ଚିତ୍ତରଞ୍ଜନ ବେହେରା, ଗୀତିକାର ଡ. ଅଲେଖ ଚନ୍ଦ୍ର ପଢିଆରୀ, ପ୍ରାବନ୍ଧିକ ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ବିକ୍ଷୋଭ କରାଯାଉଛି। **(ଫଟୋ- ବିକାଶ ନାୟକ)**

# କୃଷି, କୃଷକର ପ୍ରଗତି ପାଇଁ ସହଯୋଗ ଲୋଡ଼ା

ବାଲିଅନ୍ତା,୨୪।୭(ନୀଳମାଧବ ସାହୁ)



ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସାଧାରଣ ସଭାରେ ଖୋର୍ଦ୍ଧା ଉପନିବନ୍ଧକ ଅଳକାନନ୍ଦା ଜେନାଙ୍କ ସହ ଅତିଥିମାନେ।

ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ୩୩ତମ ବାର୍ଷିକ ସାଧାରଣ ସଭା ବୁଧବାର ମଞ୍ଚେଶ୍ୱର ରେଲ୍‌ୱେ କଲୋନୀ ନିକଟ ସମିତି କାର୍ଯ୍ୟାଳୟସ୍ଥିତ ନୂତନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଧୀରେନ କର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଉପନିବନ୍ଧକ ଅଳକାନନ୍ଦା ଜେନା ଯୋଗଦେଇ କୃଷି ଓ କୃଷକଙ୍କ ପ୍ରଗତି ଓ ସମିତିର ଅଭିବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ପ୍ରାଥମିକ ସେବା ସମବାୟ ସମିତିର ସମସ୍ତ କର୍ମକର୍ତ୍ତା ସହଯୋଗର ହାତ ବଢ଼ାଇବାକୁ ଆଗେଇ ଆସନ୍ତୁ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଇଫ୍‌କୋର ରାଜ୍ୟ ବିପରଣ ପ୍ରବନ୍ଧକ ସୌରଭ ଚାଟାର୍ଜୀ ଯୋଗଦେଇ ନାନୋ ୟୁରିଆ ପ୍ଲସ (ତରଳ) ଓ ନାନୋ ଡିଏପି (ତରଳ)ର ବ୍ୟବହାର ସମ୍ପର୍କରେ ଚାଷୀଭାଇଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଯାହା ଆବଶ୍ୟକ ତାହା କରାଯିବ ବୋଲି ସେ କହିଥିଲେ। ଇଫ୍‌କୋର ଏରିଆ ମାର୍କେଟିଂ ମ୍ୟାନେଜର ସୌମ୍ୟରଞ୍ଜନ ହାତୀ ଓ ଗାରେଡ଼ି ପାଞ୍ଚଣ ସେବା ସମବାୟ ସମିତି ସଭାପତି ଅଭିମନ୍ୟୁ ନାୟକ ଯୋଗଦେଇଥିଲେ। ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସମ୍ପାଦକ ନିରଞ୍ଜନ ନାଥ ବାର୍ଷିକ ବିବରଣୀ ପାଠ କରିଥିଲେ। ସମିତି ବୋର୍ଡ ଅଫ୍ ଡାଇରେକ୍ଟରର ସଦସ୍ୟ ପ୍ରମୋଦ ରଞ୍ଜନ ବାଘ ସଭା ପରିଚାଳନା କରିଥିଲେ। ସମିତି ଉପସଭାନେତ୍ରୀ ଅନ୍ନପୂର୍ଣ୍ଣା ମିଶ୍ର ଧନ୍ୟବାଦ ଦେଇଥିଲେ। ଚାଷୀଙ୍କୁ ଅଧିକ ସାର ଯୋଗାଣ କରିଥିବା ଗାରେଡ଼ି ପାଞ୍ଚଣ, ସରାଟ ଓ ଜାମୁକୋଳି ସମବାୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମିତିର ଏକ ନୂତନ ସଭାଗୃହକୁ ଉଦ୍‌ଘାଟନ କରାଯାଇଥିଲା। ସଭାରେ ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ପରିଚାଳନା ପରିଷଦର ବହୁ ସଭ୍ୟାସଭ୍ୟ ସମେତ ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ବ୍ଲକର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

